

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୭ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 07 OCTOBER 2022
Vol.No. 33 ■ No. 259 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ପାଇଛି ପୂଜା ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ଥାଇଲାଣ୍ଡର ଚିଲଡ୍ରେନ ଡେ କେୟାର ସେଣ୍ଟରରେ ଗୁଳିମାଡ : ୩୦ରୁ ଅଧିକ ମୃତ

ନୂଆଦିଲ୍ଲୀ, ୦୬/୧୦ : ଗୁରୁବାର ସକାଳୁ ସକାଳୁ ଗୁଳିମାଡରେ ଥରିଛି ଥାଇଲାଣ୍ଡ । ଥାଇଲାଣ୍ଡର ନୋଙ୍ଗ ବୁଆ ଲାମ୍ଫୁ ପ୍ରାନ୍ତରେ ଥିବା ଏକ ଚିଲଡ୍ରେନ ଡେ କେୟାର ସେଣ୍ଟରରେ କୁନି କୁନି ପିଲା ସେମାନଙ୍କ ଅଭିଭାବକ, ଶିକ୍ଷକଙ୍କ ସମେତ ଶହେରରୁ ଅଧିକ ଲୋକଙ୍କ ଉପରେ ଗୁଳିମାଡ ହୋଇଛି । ହଠାତ ଜଣେ ଆତତାୟୀ ସେଠାରେ ପହଞ୍ଚି ଆଖିବୁଜା ଗୁଳିମାଡ କରିଥିଲେ । କେହି କିଛି ବୁଝିବା ଆଗରୁ ରକ୍ତର ହୋଲିରେ ବୁଡିଯାଇଥିଲା ଚାଇଲ୍ଡ ସେଣ୍ଟର । ଚାଇଲ୍ଡ କେୟାର ସେଣ୍ଟରରେ ହୋଇଥିବା ଆଖିବୁଜା ଗୁଳିମାଡରେ ଏବେ ସୁଦ୍ଧା ୩୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତକଙ୍କ ମଧ୍ୟରୁ ଅଧିକାଂଶ ଶିଶୁ ରହିଛନ୍ତି । ଭୟଙ୍କର ଗୁଳିମାଡରେ ମୃତ୍ୟୁ



ସଂଖ୍ୟା ଅଧିକ ବୃଦ୍ଧି ପାଇବା ଆଶଙ୍କା ରହିଛି । ପୋଲିସ କହିଛି, ଗୁଳିମାଡ କରିଥିବା ବ୍ୟକ୍ତି ଜଣଙ୍କ ଜଣେ ପୂର୍ବତନ ପୋଲିସ ଅଧିକାରୀ । ନିକଟରେ ତାଙ୍କୁ ଚାକିରିକୁ ନିଲମ୍ବିତ କରାଯାଇଥିଲା । ତେବେ ଏହି ଆତତାୟୀ କେବଳ ଚିଲଡ୍ରେନ ଡେ କେୟାର ସେଣ୍ଟର ଉପରକୁ ଗୁଳିମାଡ କରିନି ବରଂ ନିଜ ପତ୍ନୀ, ପିଲାଙ୍କୁ ମଧ୍ୟ ଗୁଳିମାଡ କରିବା ପରେ ନିଜ ଉପରେ ମଧ୍ୟ ଫାୟରିଂ କରିଥିଲା । ତେବେ କେଉଁ ପରିସ୍ଥିତିରେ ଓ କେଉଁ କାରଣ ପାଇଁ ଗୁଳିମାଡ କରାଯାଇଛି ଏନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ସେପଟେ ଥାଇଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ ଘଟଣାରେ ଦୁଃଖ ପ୍ରକାଶ କରିବା ସହ ସମସ୍ତ ସୁରକ୍ଷା ଏଜେନ୍ସିକୁ ଆର୍ଲଟରେ ରଖିଛନ୍ତି ।

## 'ଭାରତ ଯୋଡୋ' ଯାତ୍ରାରେ ସାମିଲ ହେଲେ ସୋନିଆ

ନୂଆଦିଲ୍ଲୀ, ୦୬/୧୦ : ମିଶନ ୨୦୨୪ ପାଇଁ କଂଗ୍ରେସ ଚଳାଇଥିବା ଭାରତ ଯୋଡୋ ଯାତ୍ରାରେ ସାମିଲ ହୋଇଛନ୍ତି ଅନ୍ତରୀଣ ଅଧକ୍ଷା ସୋନିଆ ଗାନ୍ଧୀ । ଆଉ ରାହୁଲ ଗାନ୍ଧୀଙ୍କ ସହ କର୍ଣ୍ଣାଟକ ମାଣ୍ଡ୍ୟାରେ ପଦଯାତ୍ରା କରିଛନ୍ତି । ଭାରତ ଯୋଡୋ ଯାତ୍ରାରେ ସୋନିଆ ସାମିଲ ହେବା ପରେ ଦଳୀୟ ନେତା ଓ କର୍ମୀଙ୍କ ଭିତରେ ବେଶ ଉତ୍ସାହ ଦେଖିବାକୁ ମିଳିଛି । ପଦଯାତ୍ରାରେ ସୋନିଆ ସାମିଲ ହେବା କର୍ମୀଙ୍କ ମନୋବଳକୁ ଆହୁରି ବଢ଼ାଇବ ବୋଲି କହିଛନ୍ତି କଂଗ୍ରେସ ନେତା । ସୋନିଆ ଗାନ୍ଧୀ ପଦଯାତ୍ରା କରିବାବେଳେ କେତେକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା । ପଦଯାତ୍ରାବେଳେ ରାହୁଲ ଗାନ୍ଧୀ, ମାଆ ସୋନିଆଙ୍କ ଜୋତାର ଫିତା ବାନ୍ଧି ଦେଉଥିବାର ଭିଡିଓ ସୋସିଆଲ ମିଡିଆରେ ଟ୍ରେଣ୍ଡ ହେଉଛି । ଭିଡିଓରେ ଦେଖାଯାଉଛି, ସାନିଆ



ପଦଯାତ୍ରା କରିବା ସମୟରେ ହଠାତ ତାଙ୍କ ଜୋତାର ଲେସ୍ ଖୋଲିଯାଇଛି । ଏହା ଦେଖିବା ପରେ ପାଖରେ ପଦଯାତ୍ରା କରୁଥିବା ରାହୁଲ ଗାନ୍ଧୀ ତୁରନ୍ତ ମାଙ୍କ ଜୋତାର ଲେସ୍ ବାନ୍ଧିଦେଉଛନ୍ତି । ସେହି ସମୟର ଦୃଶ୍ୟକୁ କଂଗ୍ରେସ ଅଫିସିଆଲ ଟୁଇଟର ପେଜରେ ପୋଷ୍ଟ କରାଯାଇଛି ଓ ଲେଖାଯାଇଛି ମା । ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଭାରତ ଯୋଡ ଯାତ୍ରାରେ ପ୍ରଥମରୁ ସାମିଲ ହୋଇ ନଥିଲେ ସୋନିଆ । କିନ୍ତୁ ସୁସ୍ଥ ହେବା ପରେ, ଏହି ପଦଯାତ୍ରାରେ ସାମିଲ ହେବାକୁ ସେ ସୋମବାରଠୁ ମହୀଶୂରରେ ପହଞ୍ଚିଯାଇଥିଲେ । ଦଶହରାରେ ସ୍ଥାନୀୟ ମନ୍ଦିରରେ ପୂଜା କରିବା ପରେ ଗୁରୁବାର ପଦଯାତ୍ରାରେ ସାମିଲ ହୋଇଛନ୍ତି । ଦରଦାମ ବୃଦ୍ଧି, ବେକାରୀ ସମସ୍ୟା ଆଦି ପ୍ରସଙ୍ଗକୁ ନେଇ ରାହୁଲ ଗାନ୍ଧୀ କନ୍ୟାକୁମାରୀରୁ କାଶ୍ମୀର ପର୍ଯ୍ୟନ୍ତ ପଦଯାତ୍ରାରେ ବାହାରିଛନ୍ତି ।

### ଉତ୍ତରକାଶୀ ହିମସ୍ଖଳନ ଦୁର୍ଘଟଣା : ୯ଜଣଙ୍କ ମୃତ୍ୟୁ, ୨୪ ନିଖୋଜ

ଉତରକାଶୀ, ୦୬/୧୦: ଉତରାଖଣ୍ଡର ଉତରକାଶୀ ଜିଲ୍ଲାସ୍ଥିତ ଦ୍ରୌପଦୀ କା ଡାଂଡା- ୨ ପର୍ବତ ଚୋଟି ଗ୍ଲେସିୟରରେ ହୋଇଥିବା ବରଫପାତ ପରେ ରେସ୍କ୍ୟୁ ଅପରେସନର ତୃତୀୟ ଦିନ ଗୁରୁବାର ଦିନ ଆହୁରି ୫ ଶବ ଜବତ ହୋଇଛି। ଏହାସହିତ ଏବେପର୍ଯ୍ୟନ୍ତ ମୋଟ ୯ ଶବ ଜବତ ହୋଇସାରିଛି। ଏଥିରେ ଦୁଇ ଇନଷ୍ଟ୍ରକ୍ଟର ଏବଂ ୭ ଟ୍ରେନିଜ କୁହାଯାଉଛି। ଏଥିରେ ଏଭରେଷ୍ଟ ବିଜେତା ସବିତା କଂସୱାଲ ଏବଂ ଜଣେ ଇନ୍ଷ୍ଟ୍ରକ୍ଟର ନବମୀ ସହିତ ଦୁଇଜଣଙ୍କ ପରିଚୟ ମିଳିଛି। ଏହିପରି ଏବେ ମଧ୍ୟ ୨୪ ଲୋକ ନିଖୋଜ ଅଛନ୍ତି। ନିମର ରେଜିଷ୍ଟାର ବିଶାଲ ରଞ୍ଜନ ଏହାର ସ୍ପଷ୍ଟତା କରିଛନ୍ତି।

## ଧାମନଗର ବିଧାନସଭା ଉପନିର୍ବାଚନ ପାଇଁ ଆଜି ପ୍ରକାଶ ପାଇବ ବିଜ୍ଞପ୍ତି

ଭୁବନେଶ୍ୱର, ୦୬/୧୦(ନି.ପ୍ର): ଧାମନଗର ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ଆସନ୍ତାକାଲି (ଶୁକ୍ରବାର) ଗେଜେଟ୍ ନୋଟିଫିକେସନ୍ ପ୍ରକାଶ ପାଇବ। ଏଥିସହ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ନଭେମ୍ବର ୩ ତାରିଖରେ ଏହି ଆସନ ପାଇଁ ଭୋଟ୍ ଗ୍ରହଣ ହେବ। ସୂଚନା ଅନୁଯାୟୀ ସ୍ୱର୍ଗତ ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ଅକାଳ ବିୟୋଗ ପରେ ୪୬-ଧାମନଗର ବିଧାନସଭା ଆସନ ଖାଲି ପଡିଛି। ଏହି ଆସନରେ ଉପନିର୍ବାଚନ ପାଇଁ ଗତ ୩ ତାରିଖରେ ଭାରତ ନିର୍ବାଚନ ଆୟୋଗ ବିଜ୍ଞପ୍ତି ପ୍ରକାଶ କରିଥିଲେ। ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁସାରେ ଅକ୍ଟୋବର ୭ ତାରିଖ (ଶୁକ୍ରବାର) ଗେଜେଟ୍ ନୋଟିଫିକେସନ୍, ଅକ୍ଟୋବର ୧୪ରେ ନାମାଙ୍କନ ପତ୍ର ଦାଖଲ ଶେଷ ତାରିଖ, ଅକ୍ଟୋବର ୧୫ ତାରିଖ (ଶନିବାର) ନାମାଙ୍କନ ପତ୍ର ଯାଂଚ, ୨୦୨୨ ଅକ୍ଟୋବର ୧୭ ତାରିଖ (ସୋମବାର) ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ତାରିଖ ରହିଛି। ନଭେମ୍ବର ୩ ତାରିଖ ▶▶ପୃଷ୍ଠା ୭

## ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୦୬/୧୦(ନି.ପ୍ର): ବଙ୍ଗୋପସାଗରରେ ସକ୍ରିୟ ଥିବା ଘୂର୍ଣ୍ଣିବଳୟ ଏବେ ଦକ୍ଷିଣ-ଉପକୂଳ ଆନ୍ଧ୍ରପ୍ରଦେଶରେ ସମୁଦ୍ର ପୃଷ୍ଠରୁ ୩.୧ କିଲୋମିଟର ଉପରେ ରହିଛି। ଏହାର ପ୍ରଭାବରେ ଉପକୂଳ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାରେ ବର୍ଷା ଲାଗି ରହିଛି। ଅନ୍ୟପକ୍ଷରେ ଦକ୍ଷିଣ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଦକ୍ଷିଣ ଓ ଉପକୂଳ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ଜାରି ରହିଛି। ସେହିପରି ଟୁଇନ୍ ସିଟି ଭୁବନେଶ୍ୱର ଓ କଟକରେ ମଧ୍ୟ ତୁହାକୁ ତୁହା ବର୍ଷା ଲାଗି ରହିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ପର୍ଯ୍ୟନ୍ତ ବର୍ଷା ଲାଗିରହିବ । ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କଟକ, ରାୟଗଡ଼ା, ଅନୁଗୁଳ, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏସବୁ ଜିଲ୍ଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ମେକ୍ସିକୋରେ ଗୁଳିମାଡ, ୭ ପୋଲିସ କର୍ମୀ ସମେତ ୧୮ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ, ୦୬/୧୦ : ମେକ୍ସିକୋରେ ଆଖି ବୁଜା ଗୁଳିମାଡ଼। ଏଥିରେ ୭ ପୋଲିସ କର୍ମୀ ଓ ମେୟର ସମେତ ୧୮ ଜଣଙ୍କ ମୃତ୍ୟୁ ହୋଇଛି । ବନ୍ଧୁକଧାରୀ ମେକ୍ସିକୋର ସିଟି ହଲ ଭିତରକୁ ପଶି ଯାଇଯାଇଥିଲା । କେହି କିଛି ବୁଝିବା ପୂର୍ବରୁ ଲୋକଙ୍କ ଉପରକୁ ଆଖି ବୁଜା ଗୁଳିମାଡ଼ କରିଥିଲା । ଏଥିରେ ମେୟର କାନରୋଡ ମେଣ୍ଡୋଜା ଓ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ହୋଇଛି । ପୂର୍ବତନ ମେୟର ଜୁଆନ୍ ମେଣ୍ଡେଜାଙ୍କ ମଧ୍ୟ ଜୀବନଯାଇଛି । ଗୁଳିମାଡ଼ କିଏ ଓ କାହିଁକି କରିଛି ଜଣାପଡ଼ିନାହିଁ । ପୋଲିସ ବନ୍ଧୁକଧାରୀକୁ ଧରିବାକୁ ଉଦ୍ୟମ କରୁଛି । ଘଟଣା ପରେ ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି । ପୂରା ସହରକୁ ଘେରାବନ୍ଦୀ କରି ସର୍ଚ୍ଚ ଅପରେସନ୍ କରାଯାଉଛି ।

## ଆନ୍ନି ଏର୍ନକ୍ସଙ୍କୁ ସାହିତ୍ୟରେ ନୋବେଲ

ନୂଆଦିଲ୍ଲୀ, ୦୬/୧୦ : ସାହିତ୍ୟ ପାଇଁ ଘୋଷଣା ହୋଇଛି ସମ୍ମାନଜନକ ନୋବେଲ ପୁରସ୍କାର । ଫ୍ରାନ୍ସର ଲେଖିକା ଆନି ଏର୍ନକ୍ସଙ୍କୁ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯିବ । ସ୍ୱିଡୀଶ ରାଜଧାନୀ ଷ୍ଟକହୋମରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ଘୋଷଣା କରିଛି ନୋବେଲ ପୁରସ୍କାର କମିଟି । ଆନିଙ୍କୁ ତାଙ୍କ ବହି କରେଜ ଆଣ୍ଡ କ୍ଲିନିକାଲ ଆକ୍ୟୁଟି ପାଇଁ ନୋବେଲ ପୁରସ୍କାର ଦିଆଯିବ । ଆନ୍ନିଙ୍କ ଏହି ବହିରେ ବ୍ୟକ୍ତିଗତ ସ୍ମୃତିର ମୂଳ, ପ୍ରଣାଳୀ ଓ ସାମୂହିକ ପ୍ରତିବନ୍ଧକକୁ ଉଜାଗର କରାଯାଇଛି । ଏର୍ନକ୍ସ ଫ୍ରେଞ୍ଚ ସମେତ ଇଂରାଜୀରେ ଅନେକ ଉପନ୍ୟାସ, ନାଟକ ଲେଖିଛନ୍ତି । ଆନି କିଛି ଫିଲ୍ମର କାହାଣୀ ମଧ୍ୟ ଲେଖିଛନ୍ତି ।



୧୯୪୦ରେ ଜନ୍ମିତ ଆନି ବହୁଚର୍ଚ୍ଚିତ 'ଜର୍ଣ୍ଣାଲ ଡୁ ଡେହୋର୍ସ', 'ଲା ଭି ଏକ୍ସଟିରିୟର' ପୁସ୍ତକ ଲେଖିଛନ୍ତି । ଏହି ପୁସ୍ତକରେ ସେ ତାଙ୍କ ପିଲାଦିନର ଜୀବନକୁ ସ୍ଥାନ ଦେଇଛନ୍ତି । ପୁରସ୍କାର ଘୋଷଣା ପୂର୍ବରୁ ମୁମ୍ବାଇରେ ଜନ୍ମିତ ଲେଖକ ସଲମାନ ରୁଶଦୀଙ୍କୁ ସାହିତ୍ୟରେ ନୋବେଲ ପୁରସ୍କାର ପାଇବା ପାଇଁ ଅନ୍ୟତମ ଦାବିଦାର କୁହାଯାଉଥିଲା । କିନ୍ତୁ ତାଙ୍କୁ ନିରାଶ ହେବାକୁ ପଡ଼ିଛି ।

## ଘାତକ ହେଉଛି କଫ୍ ସିରଫ୍, ଡବ୍ଲ୍ୟୁଏଚଓ ସ୍କାନରରେ ଭାରତରେ ପ୍ରସ୍ତୁତ ୪ କଫ୍ ସିରଫ୍

ନୂଆଦିଲ୍ଲୀ, ୦୬/୧୦ : ଆଫ୍ରିକୀୟ ଦେଶ ଗାମ୍ବିଆରେ ୬୬ ଶିଶୁଙ୍କ ମୃତ୍ୟୁ ହେବା ପରେ ଭାରତରୁ ରପ୍ତାନୀ ହୋଇଥିବା କଫ୍ ସିରଫ୍ ଏବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସ୍କାନରରେ । ହରିୟାଣା ସୋନିପଥରେ ଥିବା ମେଡେନ୍ ଫାର୍ମାଚ୍ୟୁଟିକାଲ ପ୍ରସ୍ତୁତ କରୁଥିବା – 'ପ୍ରୋମେଥାଜିନ୍ ଓରାଲ୍ ସଲ୍ୟୁସନ', 'କୋଫେକ୍ସମାଲିନ୍ ବେବି କଫ୍ ସିରଫ୍', 'ମାକଫ୍ ବେବି କଫ୍ ସିରଫ୍', 'ମାଗ୍ରିପ୍ ଏନ୍ କୋଲ୍ଡ ସିରଫ୍' ନାମରେ ଏହି ୪ଟି କଫ୍ ସିରଫ୍ ନିରାପତ୍ତା ଗ୍ୟାରେଣ୍ଟି ଦେବାରେ ଅସଫଳ ହୋଇଥିବା କହିଛି ଡବ୍ଲୁଏଚଓ । ଗାମ୍ବିଆରେ ଏହି ୪ଟି କଫ୍ ସିରଫ୍ ଚିହ୍ନଟ



ହୋଇଛି । ଏହି କଫ୍ ସିରଫ୍ ଖାଇ କିଡନୀ ସମସ୍ୟାରେ ପଡ଼ି ଶିଶୁ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି । ମେଡେନ୍ ଫାର୍ମାଚ୍ୟୁଟିକାଲ୍ସ ଭାରତରେ ଏହି କଫ୍ ସିରଫ୍ ବିକ୍ରି କରେ ନାହିଁ ବୋଲି କୁହାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରାଥମିକ ପ୍ରମାଣ ପାଇବା ପରେ ଭାରତୀୟ ଡ୍ରଗ୍ସ କଂଟ୍ରୋଲର ଜେନୋରାଲ ଅଫ୍ ଇଣ୍ଡିଆକୁ ଏହି ୪ଟି କଫ୍ ସିରଫ ବାବଦରେ ଜଣାଇଥିଲା । ହରିଆଣା ସରକାରଙ୍କ ନିର୍ଦ୍ଦେଶ କ୍ରମେ ମେଡେନ୍ ଫାର୍ମାଚ୍ୟୁଟିକାଲ୍ସ ପ୍ରସ୍ତୁତ କରୁଥିବା କଫ୍ ସିରଫର ନମୁନା କୋଲକାତା ସ୍ଥିତ ସେଂଟ୍ରାଲ୍ ଡଗ୍ସ ଲାବୋରେଟୋରିକୁ ପଠାଯାଇଛି ।

# ମେଲାଣି ନେଲେ ଜଗତଜନନୀ

ଭୁବନେଶ୍ୱର, ୦୬/୧୦(ନି.ପ୍ର): ମାଆ ଦୁର୍ଗାଙ୍କୁ ମେଲାଣି ଦେଉଛି ଦ୍ୱୈତ ନଗରୀ । ଦୁଇବର୍ଷର କରୋନା କଟକଣା ପୂଜାର ମଜାକୁ ଫିକା କରିଦେଇଥିବା ବେଳେ ଏଥର ବେଶ ଜମିଛି ଦଶହରା । ଆଉ ଦୁର୍ଗାପୂଜାର ଅନ୍ତିମ ପର୍ଯ୍ୟାୟ ଭସାଣ ଉତ୍ସବ ପାଇଁ ଉଠୁଛି ପଡୁଛି କଟକ-ଭୁବନେଶ୍ୱର। ତୁହାକୁ ତୁହା ବର୍ଷା ଭିତରେ ଚାଲିଛି ମେଢ ଶୋଭାଯାତ୍ରା । ପାରମ୍ପରିକ ବାଦ୍ୟର ତାଳେତାଳେ ମାଆଙ୍କ ମେଢ ଆଗରେ ନାଚିନାଚି ବିଦାୟ ଜଣାଉଛନ୍ତି ବିଭିନ୍ନ ପୂଜା କମିଟି । ଢୋଲ ବାଜା, ଘୋଡାନାଚ ଓ ଅତ୍ୟାଧୁନିକ ଡିଜେ ସାଉଣ୍ଡର ତାଳରେ ଝୁମୁଛନ୍ତି ଯୁବଗୋଷ୍ଠୀ । ଭୁବନେଶ୍ୱରରେ ଭସାଣି ପାଇଁ ମହାନଗର ନିଗମ ପକ୍ଷରୁ ୪ଟି ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଛି । କୁଆଖାଇ ନଦୀ ପଠାରେ ୨ଟି ଏବଂ ଟଙ୍କପାଣି ବାସୁଆ ଘାଇ ଓ ଦୟାନଦୀ



କୂଳରେ ଗୋଟିଏ ଲେଖାଏଁ ପୋଖରୀ କରାଯାଇଛି । ନଦୀ ପ୍ରଦୂଷଣକୁ ରୋକିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶ ଅନୁସାରେ ଛୋଟବଡ ପ୍ରାୟ ୩୦୦ ମେଢର ବିସର୍ଜନ ବ୍ୟବସ୍ଥା କରାଯାଇଛି । ୬ ଫୁଟ ଗଭୀର ଓ ୧୫ ଫୁଟ ଓସାର ରହିଛି ପ୍ରତ୍ୟେକ ପୋଖରୀ । ବିଏମସି ପକ୍ଷରୁ ଯୋଗାଇ ଦିଆଯାଇଥିବା ଜେସିବି ସାହାଯ୍ୟରେ ଅସ୍ଥାୟୀ ପୋଖରୀରୁ ଅଳିଆକୁ କାଢି ସୈନିକ ସ୍କୁଲ ପାଖ ଟିସିଏସରେ ପକାଇବା ପାଇଁ ବନ୍ଦୋବସ୍ତ କରାଯାଇଛି । ଆକର୍ଷଣୀୟ ମେଢ ସାଙ୍ଗକୁ ଭସାଣିର ଚାକଚକ୍ୟରେ ଭୁବନେଶ୍ୱର ଆଗରେ ଥିଲେ ବି ପାରମ୍ପରିକତାକୁ ବଜାୟ ରଖିଛି କଟକ ସହର । ବର୍ଷାରୁ ସୁରକ୍ଷା ଦେବାପାଇଁ ମାଆଙ୍କ ମେଢକୁ ପଲିଥିନ ଘୋଡାଇ କରାଯାଇଛି ସହର ପରିକ୍ରମା । ବାଜା ବଜାଇ, ନାଚଗୀତରେ ମାଆଙ୍କୁ ମେଲାଣି ଦେଉଛନ୍ତି କଟକ ସହରବାସୀ । ବିଦାୟ ଉତ୍ସବକୁ ହର୍ଷ ଓ ଉଲ୍ଲାସର ଉତ୍ସବ ଭାବେ ପାଳନ କରାଯାଉଛି । କଟକ ଦେବୀଗଡାରେ ଏଥିପାଇଁ ୩ଟି କୃତ୍ରିମ ପୋଖରୀ କରାଯାଇଛି । ୬ଫୁଟ ଗଭୀର ଓ ୧୫ ଫୁଟ ଓସାର ବିରାଟ ଅସ୍ଥାୟୀ ପୋଖରୀରେ ମୋଟା ପଲିଥିନ ଦେଇ ପାଣି ଭର୍ତି କରାଯାଏ । ପାଣିକୁ ପ୍ରଦୂଷିତ ନକରିବା ପାଇଁ ମୂର୍ତିରୁ ଫୁଲ ଅନ୍ୟାନ୍ୟ ଜିନିଷ କାଢି ପାଣିରେ ପକାଇବାକୁ ନିୟମ ରହିଛି । ପୁରା ବ୍ୟବସ୍ଥାକୁ ଅନୁଧ୍ୟାନ କରିବା ପାଇଁ ମହାନଗର ନିଗମ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି । କଟକରେ ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ଦେଢଶହରୁ ଅଧିକ ମେଢକୁ ପର୍ଯ୍ୟାୟକ୍ରମେ କାଠଯୋଡିର ଦେବୀଗଡାରେ ବିସର୍ଜନ କରାଯାଉଛି ।

## ବିଭିନ୍ନ ଜିଲ୍ଲାର ପର୍ଯ୍ୟବେକ୍ଷକଙ୍କ ନାମ ଘୋଷଣା କଲା ବିଜେଡି

ଭୁବନେଶ୍ୱର, ୦୬/୧୦ (ନି.ପ୍ର): ବିଜୁ ଜନତା ଦଳର ବିଭିନ୍ନ ଜିଲ୍ଲା ପାଇଁ ପର୍ଯ୍ୟବେକ୍ଷକଙ୍କ ନାମ ଘୋଷଣା କରା ଯାଇଛି। ମୋଟ ୨୫ ଜଣ ନେତାଙ୍କୁ ୩୦ଟି ଜିଲ୍ଲାର ଦାୟିତ୍ୱ ପ୍ରଦାନ କରା ଯାଇଛି । ବିଜେଡି ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ପ୍ରଶାନ୍ତ କୁମାର ମୁଦୁଲୀଙ୍କୁ ଅନୁଗୁଳ ଦାୟିତ୍ୱ ଦିଆ ଯାଇଥିବା ବେଳେ ପ୍ରତାପ କେଶରୀ ଦେବଙ୍କୁ ବାଲେଶ୍ୱର, ସୁଧୀର କୁମାର ସାମଲଙ୍କୁ ବରଗଡ, ପ୍ରଣବ ବଳବନ୍ତରାୟଙ୍କୁ ଭଦ୍ରକ ଜିଲ୍ଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆ ଯାଇଛି । ସୁଶାନ୍ତ ସିଂହଙ୍କୁ ବଲାଙ୍ଗୀର ଓ ଦେବଗଡ, ଶ୍ରୀମତୀ ଉଷା ଦେବୀଙ୍କୁ କଟକ, ଶ୍ରୀମତୀ ପ୍ରମିଳା ମଲିକଙ୍କୁ ଢେଙ୍କାନାଳ ଓ ଖୋର୍ଦ୍ଧା, ଅତନୁ ସବ୍ୟସାଚୀ ▶▶ପୃଷ୍ଠା ୭

# ମଝି ସମୁଦ୍ରରେ ଜଳିଗଲା ମାଛଧରା ବୋଟ୍



ଚାନ୍ଦବାଲି, ୬/୧୦ (ନି.ପ୍ର): ମଝି ସମୁଦ୍ରରେ ମାଛ ଧରା ବୋଟ୍‌ରେ ଲାଗିଗଲା ନିଆଁ। ଅଳ୍ପକେ ବର୍ତ୍ତିଲା ୧୦ ମତ୍ସ୍ୟଜୀବୀଙ୍କ ଜୀବନ। ଆଜି ପୂର୍ବାହ୍ନରେ ଏପରି ଘଟଣା ଅବଦୁଲ୍ କଲାମ ହୁଇଲର ଦୀପ ନିକଟରେ ଘଟିଛି।

ଭଦ୍ରକ ଜିଲ୍ଲା ଧାମରା ଦୋସିଙ୍ଗା ଗାଁର ସମରେଶ ପରିଡାଙ୍କ ବୋଟ୍ 'ମାଆ ପଦ୍ମାବତୀ' ବୋଟରେ ୧୦ଜଣ ମତ୍ସ୍ୟଜୀବୀ ସମୁଦ୍ରରେ ମାଛ ଧରିବାକୁ ଯାଇଥିଲେ। ମତ୍ସ୍ୟଜୀବୀମାନେ ଅବଦୁଲ୍ କଲାମ ହୁଇଲର ଦୀପ ନିକଟରେ ମାଛ ମାରୁଥିଲେ। ଠିକ୍ ସେହି ସମୟରେ ହଠାତ୍ ମାଛଧରା ବୋଟ୍‌ରେ ନିଆଁ ଲାଗି ଯାଇଥିଲା। ମତ୍ସ୍ୟଜୀବୀମାନେ ଏନେଇ କୋଷ୍ଟଗାର୍ଡଙ୍କୁ ଖବର ଦେଇଥିଲେ। କୋଷ୍ଟଗାର୍ଡ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲା। ଯାହାଫଳରେ ୧୦ ମତ୍ସ୍ୟଜୀବୀଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଥିଲା। ବୋଟରେ କିପରି ନିଆଁ ଲାଗିଲା ଜଣାପଡ଼ିନଥିବା ବେଳେ ଇଞ୍ଜିନରୁ ନିଆଁ ଲାଗିଥିବା କୁହାଯାଉଛି। ଏପରି ଘଟଣା ପ୍ରଥମ ନୁହେଁ। ପୂର୍ବରୁ ମଧ ମଝି ସମୁଦ୍ରରେ ମାଛ ଧରା ଡଙ୍ଗାରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ତେବେ ଏଠି ପ୍ରଶ୍ନ ଉଠୁଛି, ବାରମ୍ବାର ଏପରି ଘଟଣା ଘଟୁଥିବା ବେଳେ ଡଙ୍ଗା ମାଲିକ ଓ ପ୍ରଶାସନ କ'ଣ ପାଇଁ ଏଥିପ୍ରତି ତିଳେ ମାତ୍ର ନଜର ଦେଉନାହାଁନ୍ତି। ଯଦି କାହାର ଜୀବନ ଯାଏ, ତାହାହେଲେ ଏଥିପାଇଁ ଦାୟୀ କିଏ ରହିବେ?

# ନିଶା ସେବନ ଓ ନିଶାଦ୍ରବ୍ୟ କାରବାରରେ ରାଜ୍ୟର ପ୍ରମୁଖ ପେଣ୍ଠସ୍ଥଳୀ ପାଲଟିଛି ଖୋର୍ଦ୍ଧା ଜିଲ୍ଲା

ଖୋର୍ଦ୍ଧା ,୬/୧୦ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ନିଶା ସେବନ ଓ ନିଶାଦ୍ରବ୍ୟ କାରବାରରେ ରାଜ୍ୟର ପ୍ରମୁଖ ପେଣ୍ଠସ୍ଥଳୀ ପାଲଟିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ଗତ ୪ ବର୍ଷ ଧରି ଏହି ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପ୍ରଭାବ ପଡ଼ିଲା ଭଳି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ମଦ, ଗଞ୍ଜେଇ ଓ ବ୍ରାଉନ୍‌ସୁଗାର ଭଳି ମାଦକଦ୍ରବ୍ୟର ବିକ୍ରି ଓ ବ୍ୟବହାର ଏବେ ଖୁଲମଖୁଲା ଚାଲୁଥିବା ଦେଖିବାକୁ ମିଳୁଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ନିୟମିତ ଭାବେ ବିପୁଳ ପରିମାଣରେ ଗଞ୍ଜେଇ, ବ୍ରାଉନ୍‌ସୁଗାର, ଦେଶୀମଦ ଆଦି ଜବତ ହେଉଛି। କେବଳ ଏତିକି ନୁହେଁ, ନୟାଗଡ଼, ଗଞ୍ଜାମ, ଫୁଲବାଣୀ, ବୌଦ୍ଧ, ପୁରୀ ଆଦି ଅଞ୍ଚଳକୁ ଏହି ସ୍ଥାନରୁ ବ୍ରାଉନ୍‌ସୁଗାର ଚାଲାଣ ହେଉଥିବାର ଅଭିଯୋଗ ଆସିଛି। ଏହି ସମସ୍ତ ତଥ୍ୟ ରାଜ୍ୟ ପ୍ରଶାସନ ନିକଟରେ ରହିଥିଲେ ମଧ ଏଭଳି ଏକ ସାଂଘାତିକ ସ୍ଥିତିର ନିୟନ୍ତ୍ରଣ ପାଇଁ କୌଣସି ଉଦ୍ୟମ କରାଯାଉନାହିଁ। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଗତ ୪ ବର୍ଷର ତଥ୍ୟାନୁସାରେ, ଖୋର୍ଦ୍ଧାରେ ନିଶାଖୋରଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିଚାଲିଛି। ୨୦୧୭-୧୮ ବର୍ଷରେ ୭୭୯ଜଣ ନିଶାଖୋରଙ୍କୁ ଚିହ୍ନଟ କରାଯାଇଥିଲା। ୨୦୧୮-୧୯ରେ ଏହା ବୃଦ୍ଧି ପାଇ ୧୧୬୩ରେ ପହଞ୍ଚିଥିଲା। ସେମାନଙ୍କ ମଧ୍ୟରୁ ୭୧୫ ଜଣଙ୍କୁ ନିଶା ନିବାରଣ କେନ୍ଦ୍ର ଦ୍ୱାରା ନିଶାମୁକ୍ତ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା। ୨୦୨୧-୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୨୧୩୪ରେ ପହଞ୍ଚିଛି। ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ଏହି ୨୧୩୪ ଜଣଙ୍କ ମଧ୍ୟରୁ ୯୭୬ ଜଣ ମଦ, ୨୯୫ ଜଣ ଗଞ୍ଜେଇ ଓ ଭାଙ୍ଗ, ୧୪ ଜଣ ଅଫିମ, ୩୬୧ଜଣ ବ୍ରାଉନ୍‌ସୁଗାର, ୧୧୬ ଜଣ କୋରସ୍, ଫେଭିକୁଇକ୍ ଓ ଅନ୍ୟ ମାଦକଦ୍ରବ୍ୟର ସେବନ କରିଥିବା ଜଣାପଡ଼ିଛି। ଯେଉଁମାନେ ନିଶା ନିବାରଣ କେନ୍ଦ୍ରକୁ ଆସିନାହାନ୍ତି ସେମାନଙ୍କ ସଂଖ୍ୟା ଏପର୍ଯ୍ୟନ୍ତ ନିରୂପଣ କରାଯାଇନାହିଁ। କେବଳ ଖୋର୍ଦ୍ଧା ସହରକୁ ତର୍ଜମା କଲେ ଏକ ସ୍ୱେଚ୍ଛାସେବୀ ସଂସ୍ଥାର ତଥ୍ୟାନୁସାରେ, ଖୋର୍ଦ୍ଧା ସହରର ୧୫ରୁ ୪୫ ବର୍ଷ ମଧ୍ୟରେ ୧୮ ହଜାର ଲୋକ ଥିବା ବେଳେ ସେମାନଙ୍କ ମଧ୍ୟରୁ ୮ ହଜାର ବ୍ୟକ୍ତି ବିଭିନ୍ନ ନିଶାଦ୍ରବ୍ୟ ସେବନ କରୁଛନ୍ତି। ଏହାର ସତ୍ୟତା ଖୋର୍ଦ୍ଧାର ୪ଟି ନିଶା ନିବାରଣ କେନ୍ଦ୍ରର ତଥ୍ୟରୁ ଆପାତତଃ ସ୍ପଷ୍ଟ ହେଉଛି। କାରଣ କେବଳ ଗୋଟିଏ ବର୍ଷ(୨୦୨୧-୨୨)ରେ ଖୋର୍ଦ୍ଧା ଜିଲ୍ଲାର ୨୨୪୪ ଜଣ ବ୍ୟକ୍ତି ନିଶା ସେବନ ଦ୍ୱାରା ମାନସିକ ଭାରସାମ୍ୟ ହରାଇ ଚିକିତ୍ସିତ ହେଉଥିବା ବେଳେ ୧୬୭୨ଜଣ ପାରିବାରିକ ପରାମର୍ଶ (ଫ୍ୟାମିଲି କାଉନ୍‌ସିଲିଂ ପ୍ରୋଗ୍ରାମ)ରେ ଚିକିତ୍ସିତ ହେଉଛନ୍ତି। ଜିଲ୍ଲା ପ୍ରଶାସନ, ସହରର ବୁଦ୍ଧିଜୀବୀ ଓ ସାମାଜିକ ସଂଗଠନ ପକ୍ଷରୁ ଏଦିଗରେ ଏବେ ଠାରୁ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଖୋର୍ଦ୍ଧାର ପରିସ୍ଥିତି ସାଂଘାତିକ ହେବ ବୋଲି ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ପରିତ୍ୟକ୍ତ ଟିଣ ଛପର ଘରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର: ପାଠ ପଢୁଛନ୍ତି ୬୦ ଜଣ ଶିଶୁ



କୋରେଇ ,୬/୧୦ (ନି.ପ୍ର): ଶିଶୁଙ୍କ ପ୍ରାକ୍ ଶିକ୍ଷା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ତିଆରି ହୋଇଛି ପକ୍କାଘର। ଦୀର୍ଘ ୬ ମାସ ହେବ କାମ ସମ୍ପୂର୍ଣ୍ଣ ହେଲାଣି। ହେଲେ ବିଭାଗୀୟ ଅଧିକାରୀଙ୍କ କାଳକ୍ଷେପଣ ନୀତି ଯୋଗୁଁ ହସ୍ତାନ୍ତର ହେଉନି ଘର। ଏହି କାରଣରୁ ଏକ ପରିତ୍ୟକ୍ତ ଘରେ ପାଠ ପଢୁଛନ୍ତି ୬୦ ଜଣ ଅଙ୍ଗନବାଡ଼ି ଶିଶୁ। ଏହି ପିଲାଙ୍କ ଜୀବନ ପ୍ରତି ବିପଦ ରହିଥିବା ନେଇ ଅଭିଭାବକମାନେ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି। କୋରେଇ ବ୍ଲକ ବଡ଼ବିରୁହାଁ ପଞ୍ଚାୟତ ବେଙ୍ଗମାଧବପୁର ଓ ବନମାଳୀପୁରରେ ଦୁଇଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ନିଜସ୍ୱ ଘର ନଥିବାରୁ ବହୁଦିନ ଧରି କେନ୍ଦ୍ର ଦୁଇଟି ନିକଟସ୍ଥ ସ୍କୁଲର ଏକ ପରିତ୍ୟକ୍ତ ଟିଣ ଛପର ଘରେ ଚାଲିଛି। ବର୍ଷ ବର୍ଷ ହେବ ମରାମତି ହୋଇନଥିବାରୁ ଟିଣରୁ ପାଣି ଗଳୁଛି। ଏହି ଘରେ ଉଭୟ ବନମାଳୀପୁର ଓ ବେଙ୍ଗମାଧବପୁର ଗ୍ରାମର ୬୦ ଜଣ ଶିଶୁ ପାଠ ପଢୁଛନ୍ତି। ଘରଟିର ଭିତରେ ଓ ବାହାରେ ନାନାଦି ପ୍ରକାର ଆବର୍ଜନା ରହିଛି। ପ୍ରାୟ ସମୟରେ ବିଭିନ୍ନ ସରୀସୃପ ମଧ ଦେଖାଯାନ୍ତି। ଫଳରେ ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଗାଁ ଲୋକଙ୍କ ସୂଚନା ଅନୁସାରେ ବେଙ୍ଗମାଧବପୁରରେ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଗତବର୍ଷ ଟଙ୍କା ମଞ୍ଜୁର ହୋଇଥିଲା। ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ହୋଇ କାମ ସମ୍ପୂର୍ଣ୍ଣ ହୋଇଛି। ଏନେଇ ବଡ଼ବିରୁହାଁର ପୂର୍ବତନ ସମିତିସଭ୍ୟ ପ୍ରମୋଦ କୁମାର ସାହୁ ଏକାଧିକବାର ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କରିବାରୁ ବିଲ୍ ପାଇନଥିବାରୁ ଘର ହସ୍ତାନ୍ତର କରାଯିବ ନାହିଁ ବୋଲି ଉତ୍ତର ମିଳିଥିବା କହିଛନ୍ତି। ଘଟଣା ବିଷୟରେ ଜାଣି ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ତୁରନ୍ତ ପଦକ୍ଷେପ ନେବାକୁ କୋରେଇ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ କୋରେଇ ବିଡିଓ ରଂଜନ କୁମାର ପରିଡ଼ା କହିଛନ୍ତି ଯେ ଘର କାମ ସମ୍ପୂର୍ଣ୍ଣ ହୋଇଛି ଏବଂ ତୁରନ୍ତ ତାହା ଶିଶୁ ବିକାଶ ବିଭାଗକୁ ହସ୍ତାନ୍ତର କରାଯିବ।

# ଚାଲିଥିଲା ମାଆଙ୍କ ଭଷାଣୀ ଉତ୍ସବ, ଦ୍ରୁତ ଗତିରେ ମାଡ଼ିଆସିଲା ଅଟୋ



ବାସୁଦେବପୁର,୬/୧୦ (ନି.ପ୍ର): ଆଜି ସକାଳେ ଚାଲିଥିଲା ମାଆ ଦୁର୍ଗାଙ୍କ ଭଷାଣୀ ଉତ୍ସବ। ନାଚଗୀତରେ ସମସ୍ତେ। ହଠାତ୍ ଏକ ଅଟୋ ଦ୍ରୁତ ଗତିରେ ମାଡ଼ି ଆସିଲା। ଆଉ ଲୋକଙ୍କୁ ଧକ୍କା ଦେଇ ପଳାଇବାକୁ ଚେଷ୍ଟା କରୁଥିଲା। ଲୋକମାନେ ତାକୁ ଗୋଡ଼ାଇ ଗୋଡ଼ାଇ ଧରିଲେ ଓ ବହେ ଛେଚିଲେ। ପରେ ଗାଡ଼ି ଯାଞ୍ଚ କରିବାରୁ ସେଥିରୁ ମିଳିଥିଲା ଗୋ' ମାଂସ। ଆଜି ସକାଳେ ଏପରି ଘଟଣା ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଅଞ୍ଚଳରେ ଘଟିଛି।


ଆଜି ସକାଳେ ସୁଗୁଡ଼ା ନିକଟରେ ମାଆ ଦୁର୍ଗାଙ୍କ ଭଷାଣୀ ଉତ୍ସବ ଚାଲିଥିଲା। ଗାଁ ଯୁବକମାନେ ମାଆ ଦୁର୍ଗାଙ୍କୁ ମେଲାଣି ଦେଉଥିଲେ। ଠିକ୍ ଏହି ସମୟରେ ଗୋଟିଏ ଅଟୋ ଦ୍ରୁତ୍ ଗତି ମାଡ଼ି ଆସିଲା। ଅଟୋଟି ଦୁଇ ଜଣ ଯୁବକଙ୍କୁ ଧକ୍କା ଦେଇ ପଳାଇବାକୁ ଚେଷ୍ଟା କରିଥିଲେ। ଭଷାଣୀ ସମାରୋହରେ ଯୋଗଦେଇଥିବା ଯୁବକମାନେ ଅଟୋକୁ ଗୋଡ଼ାଇ ଗୋଡ଼ାଇ ସୁଗୁଡ଼ା-ସାବରପୁର ରାସ୍ତାର ପୁରୁଣା ଏଫସିଆଇ ଗୋଦାମ ନିକଟରେ ଅଟକାଇ ଥିଲେ। ଅଟୋ ଚାଳକକୁ ବହେ ପିଟିଥିଲେ। ପରେ ଅଟୋ ଡାଲାରେ ପଡ଼ିବା ପାଲ ଟେକିବାରୁ ସେଥିରେ ଗୋରୁ ଚମଡ଼ା ଓ ୫ରୁ ୬ଟି ପଲିଥିନ୍‌ରେ ଗୋ' ମାଂସ ଦେଖିବାକୁ ପାଇଥିଲେ। ଏହା ପରେ ସ୍ଥାନୀୟ ଲୋକେ ସମ୍ପୃକ୍ତ ଯୁବକଙ୍କୁ ଅଟକାଇ ପୁଲିସ୍‌କୁ ଖବର ଦେଇଥିଲେ। ବାସୁଦେବପୁର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଚାଳକକୁ ଉଦ୍ଧାର କରି ଅଟକ ରଖି ପଚରାଉଚରା କରୁଛି। ଅଟକ ଚାଳକ ସାବରପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଅଟକ ଥିବା ବ୍ୟକ୍ତି ଜଣକ ବାଲେଶ୍ୱର ଜିଲ୍ଲା ସୋର ଥାନା ସାହସପୁରା ଅଞ୍ଚଳରୁ ଗୋ' ମାଂସ ଧରି ବାସୁଦେବପୁର ଥାନା ସାବରପୁର ଅଞ୍ଚଳକୁ ଆସୁଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅଟକ ଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଅନ୍ୟପକ୍ଷରେ ଅଟୋ ଧକ୍କାରେ ଆହତ ହୋଇଥିବା ଦୁଇ ଯୁବକଙ୍କୁ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି।

# କୋରାପୁଟ ଜିଲ୍ଲାରେ କୁପୋଷଣ ସ୍ଥିତିରେ ସୁଧାର ଆସୁଛି

କୋରାପୁଟ ,୬/୧୦ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ କୁପୋଷଣ ରୋକିବା ନିମନ୍ତେ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ବିଭନ୍ନ ଗ୍ରାମରେ ତୃଣମୂଳ ସ୍ତରର ମା ମାନଙ୍କୁ ଖାଦ୍ୟପେୟ ସହ ଉପଯୁକ୍ତ ଚିକିତ୍ସା ନିମନ୍ତେ ତାଲିମ ଓ ପରାମର୍ଶ ଦିଆଯାଉଛି। ଫଳରେ କୁପୋଷଣର ମାତ୍ରା ବେଶ୍ କମୁଥିବା ଦେଖିବାକୁ ମିଳିଛି। କୋରାପୁଟ ଜିଲ୍ଲା ସବୁବେଳେ ଏଠାକାର କଳା ଓ ସଂସ୍କୃତିକୁ ନେଇ ପରିଚିତ ହୋଇ ଆସିଛି। କିନ୍ତୁ ଏଠାକାର କୁପୋଷଣ ଜନିତ ଶିଶୁମୃତ୍ୟୁ ଏବଂ ପ୍ରସବ ଜନିତ ସମସ୍ୟା ଯୋଗୁଁ ମାତୃ ମୃତ୍ୟୁହାର ପ୍ରତିଶତ ଢେର ଅଧିକ ରହିଆସୁଥିଲା। ଏଥି ନିମନ୍ତେ ସରକାର ଯୋଜନା ମାନ ପ୍ରସ୍ତୁତ କରି ତୃଣମୂଳ ସ୍ତରରୁ କାର୍ଯ୍ୟକାରୀ କରିବାକୁ ଲାଗିଲେ। ଫଳରେ ଆଶା ଏବଂ ଅଙ୍ଗନବାଡି କର୍ମୀ ମାନେ ଗାଁ ଗାଁରେ ନବଜାତ ଶିଶୁ, ବଢ଼ିଲା ଶିଶୁ ଏବଂ ମା ମାନଙ୍କୁ ଖାଦ୍ୟାଭ୍ୟାସ ଓ ସ୍ୱାସ୍ଥ୍ୟ ସଚେତନ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ଏହା ଛଡ଼ା ୟୁନିସେଫ ଓ ସାମାଜିକ ସଂଗଠନ ସିନି ତରଫରୁ କାର୍ଯ୍ୟକାରୀ ହେଉଥିବା ଅତିଶୟ ପୁଷ୍ଟିହୀନତା ପରିଚାଳନା ଏବଂ ନବଜାତ ଓ ବଢ଼ିଲା ଶିଶୁର ଉପଯୁକ୍ତ ଖାଦ୍ୟ ଅଭ୍ୟାସ ସମ୍ପର୍କିତ ଦୁଇଟି କାର୍ଯ୍ୟକ୍ରମ ବେଶ୍ ସଫଳ ହୋଇଛି। ଏହି କାର୍ଯ୍ୟକ୍ରମ ମାଧମରେ ପ୍ରଶିକ୍ଷଣ ନେଇ ବାଗରାଗୁଡ଼ା ଗ୍ରାମର ଦମାଇ ଖରା ନିଜର ୨ ବର୍ଷର ଶିଶୁକୁ କୁପୋଷଣରୁ ମୁକ୍ତ କରି ପାରିଥିବା କହିଛନ୍ତି। ସେହିଭଳି ପଦ୍ମପୁର ଗ୍ରାମର ସରିତା ସିଂ ୩ଟି ଶିଶୁର ମା ହୋଇଥିବା ବେଳେ ଆଶା, ଅଙ୍ଗନବାଡି ଓ ଏଏନଏମଙ୍କ ପରାମର୍ଶ ମାନିବା ସହ ନିଜ ଶିଶୁ ମାନଙ୍କୁ ଠିକ୍ ଭାବେ ଖୁଆଇ ଅପୁଷ୍ଟିରୁ ଦୂରେଇ ରଖି ପାରିଛନ୍ତି। ପୂର୍ବରୁ ଏହି ଅଞ୍ଚଳରେ କୁପୋଷଣ ହାର ବେଶ୍ ଅଧିକ ରହିଥିଲା। ଏଥିପାଇଁ ଜିଲ୍ଲାର କୋଣ ଅନୁକୋଣରେ କିଭଳି ଶିଶୁ ଏବଂ ମାତୃ ମୃତ୍ୟୁହାର କମିବ ସେଥି ନେଇ ଉଦ୍ୟମ ଜାରି ରହିଛି। ପ୍ରସୂତି ମା ମାନେ କିପରି ପୁଷ୍ଟିକର ଖାଦ୍ୟ ଖାଇବେ, ଶିଶୁ ସ୍ତନ୍ୟପାନ ଓ ବୟସ ଅନୁଯାୟୀ ଶିଶୁଙ୍କ ଖାଦ୍ୟପେୟ ଉପରେ ଗୁରୁତ୍ୱ ଦିଆଯାଉଛି। ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ମାଣ୍ଡିଆ ଓ ସୁଆଁ ବ୍ୟବହାର ଉପରେ ମଧ ଗୁରୁତ୍ୱ ଦିଆଯାଉଛି।

# ଠାବ ହେଲା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଚିନ୍ତଲବାଡ଼ା ପାହାଡ଼ ଉପରେ ଥିବା ଜଳପ୍ରପାତ

କାଲିମେଳା ,୬/୧୦ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲ୍ଲା ହେଉଛି ପ୍ରକୃତିର ଗନ୍ତାଘର। ଏଠାରେ ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ସ୍ଥାନ ରହିଥିବା ବେଳେ ଅନେକ ସ୍ଥାନ ଏବେବି ଲୁକାୟିତ ଅବସ୍ଥାରେ ରହିଛି। ଏଭଳି ଏକ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ଚିନ୍ତଲବାଡ଼ା ପାହାଡ଼ ଉପରେ ଥିବା ଏକ ବୃହତ୍ ଜଳପ୍ରପାତ ସ୍ଥାନୀୟ ଲୋକଙ୍କ ସହାୟତାରେ ଲୋକଲୋଚନକୁ ଆସିଛି। କାଲିମେଳା ବ୍ଲକ୍ ଭେଜାଙ୍ଗିବାଡ଼ା ଗ୍ରାମପଞ୍ଚାୟତର ଚିନ୍ତଲବାଡ଼ା ପାହାଡ଼ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ। ଏଠାରେ ଦିନେ ନକ୍ସଲ ରାଜ ଚାଲିଥିଲା ହେଲେ ଆଜି ସେ ସମୟ ଆଉ ନାହିଁ। ପୂର୍ବରୁ ନକ୍ସଲ ଭୟରେ ଲୋକମାନେ ଜଙ୍ଗଲ ପାହାଡ଼କୁ ଯିବାକୁ ଭୟ କରୁଥିବା ବେଳେ ଏବେ ନକ୍ସଲ ଆତଙ୍କ କମିବା ପରେ ଲୋକମାନେ ନିର୍ଭୟରେ ଜଙ୍ଗଲ ପାହାଡ଼କୁ ଯାଇପାରୁଛନ୍ତି। ଫଳରେ ଏହି ପାହାଡ଼ରେ ରହିଥିବା ଅନେକ ସୁନ୍ଦର ପ୍ରାକୃତିକ ସ୍ଥାନ ଏବେ ଲୋକଲୋଚନକୁ ଆସିବାରେ ଲାଗିଛି। ପୂର୍ବରୁ ଏହି ପାହାଡ଼ ଭିତରେ ଡକରାଇଯୋଡ଼ି ପରି ଏକ ସୁନ୍ଦର ପ୍ରାକୃତିକ ସ୍ଥାନ ଲୋକଲୋଚନକୁ ଆସିପାରିଥିବା ବେଳେ ବର୍ତମାନ ସ୍ଥାନୀୟ ଲୋକଙ୍କ ସହାୟତାରେ ଏକ ବୃହତ ଜଳପ୍ରପାତ ଠାବ ହୋଇଛି। ଚିନ୍ତଲବାଡ଼ା ପାହାଡ଼ର ଶୀର୍ଷରେ ରହିଛି ଏହି ସୁନ୍ଦର ଜଳପ୍ରପାତ। କଳାମୁଗୁନି ପଥରର ଛାତି ଚିରି ପ୍ରାୟ ଶହେ ଫୁଟ ତଳକୁ ଲମ୍ଭିଆସିଛି ଏହି ଜଳପ୍ରପାତ। କୁଲୁକୁଲୁ ନାଦରେ ଝରଝର ଶବ୍ଦରେ ଜଙ୍ଗଲର ନୀରବତାକୁ ଭେଦ କରି ବହିଯାଉଥିବା ଏହି ସୁନ୍ଦର ଜଳପ୍ରପାତକୁ ପ୍ରଥମ ଥର ପାଇଁ ଦେଖି ଦର୍ଶକ ବେଶ ଆନମନା। ଏହି ସୁନ୍ଦର ଦୃଶ୍ୟକୁ କିଏ ମୋବାଇଲରେ କଏଦ କରିବାକୁ ଚେଷ୍ଟା କରୁଥିବା ବେଳେ ଆଉ କିଏ ସେଲଫି ନେବାକୁ ପଛାଉନାହିଁ। ହେଲେ ଚିନ୍ତଲବାଡ଼ା ଗ୍ରାମବାସୀଙ୍କ ସହାୟତରେ ଆମ କାଲିମେଳା ପ୍ରତିନିଧି ୧୦ ହଜାର ଫୁଟ ପାହାଡ଼ ଉପରେ ଥିବା ଏହି ସୁନ୍ଦର ଜଳପ୍ରପାତକୁ ଠାବ କରିବାରେ ସଫଳ ହୋଇଥିଲେ। ପ୍ରାୟ ୩ ଘଣ୍ଟା ପାହାଡ଼ ଚଢ଼ିବା ପରେ ଏହି ଜଳପ୍ରପାତ ନିକଟରେ ପହଞ୍ଚିବାରେ ସଫଳ ହୋଇଥିଲେ।



ଅବିଭକ୍ତ କୋରାପୁଟ ଜିଲ୍ଲାର ଡୁଡୁମା ଜଳପ୍ରପାତ ହେଉ କି ମାଲକାନଗିରି ଜିଲ୍ଲାର ପଡ଼ୋଶୀ ଛତିଶଗଡ଼ ରାଜ୍ୟର ତିରତଗଡ଼ ଜଳପ୍ରପାତ ହେଉ ବର୍ଷ ସାରା ଏଇଠି ଲାଗିଥାଏ ପର୍ଯ୍ୟଟକଙ୍କ ଗହଳି। ଟିକିଏ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଶହ ଶହ ମାଇଲ ଯିବାକୁ ପଛାଇ ନଥାନ୍ତି ଦର୍ଶକ। ତେବେ ଚିନ୍ତଲବାଡ଼ା ପାହାଡ଼ରେ ରହିଥିବା ଏହି ସୁନ୍ଦର ଜଳପ୍ରପାତ ମଧ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର। କିନ୍ତୁ ଏହି ସ୍ଥାନକୁ କୌଣସି ରାସ୍ତା ନାହିଁ। ଚିନ୍ତଲବାଡ଼ା ଗ୍ରାମ ଠାରୁ ପରଜାଗୁଡ଼ା ଗ୍ରାମ ଦେଇ ଏହି ପାହାଡ଼କୁ ଚଢ଼ିବାକୁ ପଡ଼ିଥାଏ। ପରଜାଗୁଡ଼ା ଗ୍ରାମ ଠାରୁ ପ୍ରାୟ ୩ କିମି ପାହାଡ଼ ଚଢ଼ି ଏହି ସ୍ଥାନରେ ପହଞ୍ଚିବାକୁ ହୋଇଥାଏ। ତେବେ ଏହା ଏତେ ସହଜ ନୁହେଁ। ଗ୍ରାମବାସୀ ଜଣେ ନିଖୋଜ ବ୍ୟକ୍ତିକୁ ଖୋଜିବାକୁ ଯାଇଥିବା ବେଳେ ଏହି ସୁନ୍ଦର ସ୍ଥାନଟିର ସନ୍ଧାନ ପାଇ ଆମ କାଲିମେଳା ପ୍ରତିନିଧି ଦୁଃଶାସନ ମହାପାତ୍ରଙ୍କୁ ଖବର ଦେଇଥିଲେ। ତେବେ ଏହାର ଉନ୍ନତୀକରଣ କରାଗଲେ ଏହି ସ୍ଥାନଟି କେବଳ ମାଲକାନଗିରି ନୁହେଁ ଅବିଭକ୍ତ କୋରାପୁଟ ଜିଲ୍ଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବରେ ବେଶ ଆକର୍ଷଣୀୟ ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି।

# ଆଜି ରାଜ୍ୟରେ ସର୍ବନିମ୍ନ କରୋନା ସଂକ୍ରମଣ

ଭୁବନେଶ୍ୱର,୬/୧୦ (ନି.ପ୍ର): ଆଜି ବି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ଶହେ ତଳେ ରହିଛି। ଗତକାଲି ୬୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୪୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହା ଚଳିତ ବର୍ଷର ସର୍ବନିମ୍ନ ସଂଖ୍ୟା ବୋଲି କୁହାଯାଉଛି। ଏମାନଙ୍କ ମଧ୍ୟରୁ ୨୮ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୨୧ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୬ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୧୮ଟି ଜିଲ୍ଲାରୁ ୪୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଜି କଟକ ଜିଲ୍ଲାରୁ ସର୍ବାଧିକ ୧୦ ଜଣ ଲେଖାଏଁ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧, ବାଲେଶ୍ୱର ଜିଲ୍ଲାରୁ ୫, ବରଗଡ଼ରୁ ୧, ଭଦ୍ରକରୁ ୧, ବୌଦ୍ଧରୁ ୧, କଟକରୁ ୧୦ ଜଣ, ଦେବଗଡ଼ରୁ ୪, ଜଗତସିଂହପୁରରୁ ୩ ଜଣ, ଯାଜପୁରରୁ ୨ ଜଣ, ଝାରସୁଗୁଡ଼ାରୁ ୧, କଳାହାଣ୍ଡିରୁ ୧, ଖୋର୍ଦ୍ଧା ଜିଲ୍ଲାରୁ ୩, କୋରାପୁଟରୁ ୧, ମୟୂରଭଞ୍ଜରୁ ୧, ନୂଆପଡ଼ାରୁ ୧, ପୁରୀରୁ ୩ ଜଣ, ସମ୍ବଲପୁରରୁ ୪ ଜଣ, ସୁନ୍ଦରଗଡ଼ରୁ ୫ ଜଣ ଓ ଷ୍ଟେଟପୁଲରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

# ମାଆକୁ ଖୋଜି ଖୋଜି ଜଗତପୁରରୁ ଢେଙ୍କାନାଳ ପଳାଇଗଲା ଛୁଆ ହାତୀ

ଢେଙ୍କାନାଳ, ୬/୧୦ (ନି.ପ୍ର): ମାଆକୁ ଖୋଜି ଖୋଜି ଜଗତପୁରରୁ ଢେଙ୍କାନାଳ ପଳାଇଗଲା ଛୁଆ ହାତୀ। ସେଠାରେ ମାଆକୁ ଖୋଜି ବୁଲୁଥିଲା। ବନ ବିଭାଗ ଛୁଆ ହାତୀକୁ କାବୁ କରି ମାଆ ହାତୀ ପାଖରେ ଛାଡ଼ିଥିଲା। ଛୁଆକୁ ପାଇବା ପରେ ମାଆ ହାତୀର ହିଂସ୍ର ଆଚରଣ କମିଥିଲା। ମାଆ ଓ ଛୁଆଙ୍କୁ ବନ ବିଭାଗ ଏବେ ଜଙ୍ଗଲରେ ଛାଡ଼ିଛି। କଟକ ଜିଲ୍ଲା ଜଗତପୁର ଜଙ୍ଗଲରେ ଛୁଆଠାରୁ ଅଲଗା ହେବା ପରେ ଉତ୍ପାତ କରୁଥିଲା ମାଆ ହାତୀ। ଗାଁ ଲୋକଙ୍କ ଅଭିଯୋଗ କ୍ରମେ ବନ ବିଭାଗ ମାଆ ହାତୀକୁ କାବୁ କରିଥିଲା। ଗତ ୨୯ ତାରିଖରେ ତାକୁ ଢେଙ୍କାନାଳ କପିଳାସ ସ୍ଥିତ ହାତୀ ଉଦ୍ଧାର କେନ୍ଦ୍ରକୁ ନେଇଥିଲା। ସେଠାରେ କାଠ ଖୁଆଡରେ ରଖି ତା'ର ଚିକିତ୍ସା କରୁଥିଲା ବନ ବିଭାଗ। ଅନ୍ୟପକ୍ଷରେ ମାଆଠାରୁ ଅଲଗା ହେବା ପରେ ଛୁଆ ହାତୀ ବିଚଳିତ ହୋଇପଡ଼ିଥିଲା। ମାଆକୁ ଜଙ୍ଗଲରେ ଖୋଜି ବୁଲିଥିଲା। ମାତ୍ର ପାଇନଥିଲେ। ପରେ ହାତୀ ଛୁଆଟି ମାଆକୁ ଖୋଜି ଖୋଜି କଟକରୁ ଢେଙ୍କାନାଳ ପଳାଇ ଯାଇଥିଲା! କପିଳାସ ଜଙ୍ଗଲ ଓ ଆଖପାଖ ଅଞ୍ଚଳରେ ଏଣେତେଣେ ଘୂରି ବୁଲୁଥିଲା। ଛୁଆ ହାତୀଟି ଗୋଟିଏ ଗାଁରେ ପଶି ଯାଇଥିଲା। ବନ ବିଭାଗ କର୍ମଚାରୀମାନେ ଜାଣିପାରି ଗାଁରେ ପହଞ୍ଚି ଛୁଆ ହାତୀକୁ ଟ୍ରାଙ୍କୁଲାଇଜ୍ କରି ଉଦ୍ଧାର କରିଥିଲା। ପରେ ଛୁଆକୁ ମାଆ ହାତୀ ପାଖରେ ଛାଡ଼ିଥିଲା। ଛୁଆକୁ ପାଖରେ ପାଇବା ପରେ ହିଂସ୍ର ହୋଇପଡିଥିବା ମାଆ ହାତୀର ସ୍ୱଭାବରେ ପରିବର୍ତ୍ତନ ଆସିଥିଲା। ସେଠାରେ ଉଭୟଙ୍କୁ ଚିକିତ୍ସା କରାଯାଇଥିଲା। ସୁସ୍ଥ ହେବା ପରେ ମାଆ ଓ ଛୁଆ ହାତୀଙ୍କୁ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଫରେଷ୍ଟ ରେଞ୍ଜ ରାସ୍ତା ଦେଇ ନରସିଂହପୁର ଓ ସାତକୋଶିଆ ଜଙ୍ଗଲର ମଧ୍ୟବର୍ତ୍ତୀ ଘଞ୍ଚ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ଏଭଳି ଘଟଣା ରାଜ୍ୟରେ ପ୍ରଥମ ଥର ହୋଇଥିବା ବେଳେ ଏଥିପାଇଁ ଜଙ୍ଗଲ ବିଭାଗକୁ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତେବେ ହାତୀଙ୍କୁ ଜଙ୍ଗଲରେ ଛାଡିବାକୁ ସ୍ଥାନୀୟ ଦଣ୍ଡିରି ଗାଁ ଲୋକେ ବିରୋଧ କରିଛନ୍ତି। ମାଆ ଓ ଛୁଆ ହାତୀ ଏବେ ସୁରକ୍ଷିତ ଭାବରେ ଘଞ୍ଚ ଜଙ୍ଗଲ ଭିତରେ ଅଛନ୍ତି।

# ଫାଷ୍ଟଫୁଡ୍ ଦୋକାନରୁ ମାଲିକଙ୍କ ମୃତଦେହ ଉଦ୍ଧାର: ତଦନ୍ତ ଆରମ୍ଭ କଲା ପୋଲିସ୍

ମାହାଙ୍ଗା,୬/୧୦ (ନି.ପ୍ର): ଫାଷ୍ଟ ଫୁଡ୍ ଦୋକାନରୁ ମାଲିକଙ୍କ ମୃତଦେହ ଉଦ୍ଧାର। ମାହାଙ୍ଗା ଥାନା ଛତ୍ରତୋଟା ବଜାରରେ ଥିବା ବାପିନା ଫାଷ୍ଟ ଫୁଡ୍ ଦୋକାନର ମାଲିକ ପ୍ରଶାନ୍ତ ବେହେରାଙ୍କ ମୃତଦେହ ଦୋକାନ ଭିତରୁ ଉଦ୍ଧାର ହୋଇଛି। ପ୍ରତିଦିନ ଭଳି ପ୍ରଶାନ୍ତ ଫାଷ୍ଟଫୁଡ୍ ଦୋକାନ ବନ୍ଦ କରି ଦୋକାନ ଭିତରେ ଶୋଇବାକୁ ଯାଇଥିଲେ। ସକାଳୁ ଘରକୁ ଫେରିବାକୁ ବିଳମ୍ବ ହେବାରୁ ବାପା କୁଳମଣି ବେହେରା ଦୋକାନକୁ ଆସି କବାଟ ବାଡ଼େଇବା ପରେ କେହି ଖୋଲି ନଥିଲେ। ଫଳରେ ବଜାରରେ ଥିବା କିଛି ଲୋକ ଓ ପ୍ରଶାନ୍ତଙ୍କ ବାପା ଦୋକାନ ପଛ ପଟ କବାଟ ଭାଙ୍ଗିଥିଲେ। ପ୍ରଶାନ୍ତ ମୃତ ଅବସ୍ଥାରେ ପଡ଼ିଥିବା ସମସ୍ତେ ଦେଖିବାକୁ ପାଇଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଘଟଣା ସ୍ଥଳରେ ମାହାଙ୍ଗା ପୋଲିସ ପହଞ୍ଚି ତଦନ୍ତ ଜାରିରଖିଛି।

# ମୁରୈନା ଚଉଷଠି ଯୋଗନୀ ମନ୍ଦିର



ମଧ୍ୟପ୍ରଦେଶ ଅନ୍ତର୍ଗତ ମୁରୈନା ଜିଲ୍ଲାର ମିତାଓ୍ୱଲୀରେ ଭାରତର ଅନ୍ୟତମ ଚଉଷଠି ଯୋଗିନୀ ମନ୍ଦିର ଅବସ୍ଥିତ । ଏହି ମନ୍ଦିରକୁ ବହୁ ଲୋକ ଇକଂତେଶ୍ୱର ମହାଦେବ ମନ୍ଦିର ମଧ୍ୟ କୁହନ୍ତି । ମନ୍ଦିର ମଧ୍ୟରେ ମୋଟ ଚଉଷଠିଟି କକ୍ଷ ରହିଛି । ପ୍ରତି କକ୍ଷରେ ଗୋଟିଏ ଗୋଟିଏ ଶିବଲିଙ୍ଗ ରହିଛି । ମଧ୍ୟ ଭାଗରେ ଏକ ଖୋଲା ମଣ୍ଡପ ଅବସ୍ଥିତ ।





ତେବେ ଏହି ମନ୍ଦିର ବହୁ ପୁରାତନ ହୋଇଥିବାରୁ ମନ୍ଦିରରେ ଥିବା ଚଉଷଠି ଯୋଗିନୀଙ୍କ ପ୍ରତିମା କିଛି ଚୋରି ହୋଇଯାଇଛି । ଏହିପରି କି ସେହି ମନ୍ଦିର ମଧ୍ୟରେ ଥିବା କିଛି ପ୍ରତିମା ସଂଗ୍ରହାଳୟରେ ମଧ୍ୟ ରହିଛି । ଗବେଷକଙ୍କ ମତରେ ମିତାଓ୍ୱଲୀ ଭୂକମ୍ପ ସ୍ଥାନ ହୋଇଥିବା କାରଣରୁ ମନ୍ଦିରକୁ ଗୋଲାକାର ଭାବେ ନିର୍ମିତ କରାଯାଇଛି । ଏକଦା ଏହି ମନ୍ଦିର ତନ୍ତ୍ର ବିଦ୍ୟା, ଗଣିତ ବିଦ୍ୟା ଓ ଜ୍ୟୋତିଷ ଶାସ୍ତ୍ର ଶିକ୍ଷାର ଏକ କେନ୍ଦ୍ରସ୍ଥଳ ଥିଲା । ଭାରତର ସଂସଦ ଭବନ ଏହି ମନ୍ଦିର ଢ଼ାଞ୍ଚାରେ ଗଢ଼ାହୋଇଥିବା ଅନୁମାନ କରାଯାଏ । ଏକାଦଶ ଶତାବ୍ଦୀରେ ନିର୍ମିତ ବୃତ୍ତାକାର ମନ୍ଦିରଟିକୁ 'ଭାରତୀୟ ପୁରାତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାନ' ଦ୍ୱାରା ପ୍ରାଚୀନ ଐତିହ୍ୟ ସଂସ୍କାରକ ଭାବେ ଘୋଷିତ କରାଯାଇଛି ।

# ଏକମାସ ମଧ୍ୟରେ ଓଜନ କମ କରିବେ କିପରି

**ଆଜିକାଲି ଯୁବପିଢ଼ି ଫିଟ୍ ରହିବାକୁ କେତେ କ'ଣ ଉପାୟ ଆପଣାଉଛନ୍ତି । ସେଥି ମଧ୍ୟରୁ ଆପଣ ବିନା ଡାଏଟିଂରେ କିପରି ଓଜନ କମାଇବେ ଜାଣନ୍ତୁ ସେ ସମ୍ପର୍କରେ.....**

**ହର୍ବାଲ ଟି :-** ପିଇବା ଦ୍ୱାରା ଶରୀରରେ ଥିବା ଏକ୍ସଟ୍ରା ଚର୍ବି ବର୍ନ କରିଥାଏ । ଏଥିସହ ଏହା ପାଚନ କ୍ରିୟାକୁ ଠିକ୍ ରଖିବା ସହ ଭୋକ କଣ୍ଟ୍ରୋଲ କରିଥାଏ । ଫଳରେ ଆପଣ ଓଭର ଇଟିଂରୁ ରକ୍ଷା ପାଇପାରିବେ । ଯାହା ଓଜନ କମାଇବାରେ ସାହାଯ୍ୟ କରିବ । ଓଜନ



କମାଇବା ପାଇଁ ପିଅନ୍ତୁ ହର୍ବାଲଟି ।

**ବ୍ଲାକ୍ ଟି:-** ସକାଳୁ ଏକ କପ୍ ବ୍ଲାକ୍ ଟି ପିଇବା ଦ୍ୱାରା ଓଜନ କମାଇବାରେ ସାହାଯ୍ୟ କରେ । କିନ୍ତୁ ଏହାକୁ ପିଇବା ପୂର୍ବରୁ ଏକ ଗ୍ଲାସ ପାଣି ପିଅନ୍ତୁ ଏଥିରେ ଭରପୂର ମାତ୍ରାର ଆଣ୍ଟି ଅକ୍ସିଡାଣ୍ଟ



ରହିଛି, ଯାହା ୱେଟ୍ ଲସ କରିବାରେ ସାହାଯ୍ୟ କରେ । ଏହା ଷ୍ଟ୍ରୋକରୁ ମଧ୍ୟ ରକ୍ଷା କରିଥାଏ ।

**ଲେମନ ଟି:-** ଲେମନଟି ପିଇବା ଦ୍ୱାରା କ୍ୟାଲୋରି ବର୍ନ ହୋଇଥାଏ । ଯାହା ଫଳରେ ଓଜନ ଅଳ୍ପଦିନରେ କମିବାକୁ ଲାଗେ । ଏହା ମେଟାବଲିଜମକୁ ବୁଷ୍ଟ କରିଥାଏ, ଯାହା ଓଜନ କମାଇବାରେ ସାହାଯ୍ୟ କରେ ।





**ଗ୍ରୀନଟି:** ଆୟୁର୍ବେଦିକ ଗୁଣରେ ଭରପୂର ଗ୍ରୀନଟି ନା କେବଳ ଓଜନ କମାଇଥାଏ, ଏହା ଆପଣଙ୍କୁ ସୁସ୍ଥ ରଖିବାରେ ମଧ୍ୟ ସାହାଯ୍ୟ କରେ । ଯଦି ଆପଣ ଓଜନ କମ କରିବାକୁ ଚାହୁଁଛନ୍ତି ଖାଦ୍ୟ ଖାଇବାର ୧ରୁ ୨ଘଣ୍ଟା ପୂର୍ବରୁ ଗ୍ରୀନ ଟି ପିଅନ୍ତୁ । ଏହାଦ୍ୱାରା ଭୋକ ଡେରିରେ ଲାଗିବ ଏବଂ ଆପଣଙ୍କୁ ଓଭର ଇଟିଂରୁ ରକ୍ଷା କରିବ । ଏହା ବ୍ୟତୀତ ଦିନ ମଧ୍ୟରେ ଦୁଇ ତିନିଥର ଗ୍ରୀନ ଟି ପିଅନ୍ତୁ ।

**ତୁଳସୀ ଟି:-** ତୁଳସୀରେ ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା ଓଜନକୁ ଖୁବ କମ ଦିନରେ କମାଏ । ପ୍ରତିଦିନ ଏକ କପ ତୁଳସୀ ଟି ପିଇବା ଦ୍ୱାରା ଫ୍ୟାଟ୍ ବର୍ନ ହୋଇଥାଏ । ଏହା ପାଚନତନ୍ତ୍ର, ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ଠିକ୍ ରଖିଥାଏ ।

**ପୋଦିନା ଟି:-** ପୋଦିନା ଟି ପୋଦିନା ଟି ପାଚନ ତନ୍ତ୍ରକୁ ସୁଧାରିବା ସହ ୱେଟ୍ ଲସ୍ କରେ । ପ୍ରତିଦିନ ଏକ କପ୍ ପୋଦିନୀ ଟି ପିଇବା ଦ୍ୱାରା କ୍ୟାନସର, ହାର୍ଟଜନିତ ରୋଗ ତଥା ଡାଇବେଟିସ୍ ରୁ ମଧ୍ୟ ରକ୍ଷା କରିଥାଏ ।




# ଖଣ୍ଡୋବା ମନ୍ଦିର




ପୁଣେ ଠାରୁ ପ୍ରାୟ ପଚାଶ କିଲୋମିଟର ଦୂର ଧାର୍ମିକ ନଗରୀ ଜେଜୁରୀ ସହରରେ ଖଣ୍ଡୋବା ମନ୍ଦିର ଅବସ୍ଥିତ । ଏକ ଛୋଟ ପାହାଡ଼ ଉପରେ ପ୍ରଭୁଙ୍କ ମନ୍ଦିର । ଦର୍ଶନ ପାଇଁ ପାଖାପାଖି ତିନି ଶହ ପାହାଚ ଚଢ଼ିବାକୁ ପଡ଼େ । ଖଣ୍ଡୋବାଙ୍କ ପ୍ରତିମା ଏକ ଘୋଡ଼ା ଉପରେ ଯୋଦ୍ଧା ଶୈଳୀରେ ବିରାଜମାନ । ପ୍ରଭୁ ଖଣ୍ଡୋବା ଭଗବାନ ଶିବଙ୍କ ଅବତାର । ମଲହାର ଏବଂ ଆନ୍ଧ୍ର ପ୍ରଦେଶର କିଛି ଅଞ୍ଚଳରେ ପ୍ରଭୁ ମୁଖ୍ୟ ଦେବତା ଭାବେ ପୂଜା ପାଆନ୍ତି । ଭଗବାନ ଖଣ୍ଡୋବାଙ୍କ ପୌରାଣିକ ମହତ୍ତ୍ୱ ସଂପର୍କରେ ଏକାଧିକ ଲୋକମତ ଓ କିମ୍ବଦନ୍ତି ପ୍ରଚଳିତ । ସାହିତ୍ୟ କୃତି 'ମଲହାରୀ ମାହାତ୍ମ୍ୟ'ରେ ଜଣେ ଯୋଦ୍ଧା ରାଜା ଭାବେ ଖଣ୍ଡୋବାଙ୍କୁ ବର୍ଣ୍ଣନା କରାଯାଇଛି । ମାର୍ଗଶିର ମାସରେ ପ୍ରଭୁଙ୍କର ବଡ଼ ମେଳା ଆୟୋଜିତ ହୁଏ । ଦଶହରା ଓ ଚୈତ୍ର ପୂର୍ଣ୍ଣିମା ଖଣ୍ଡୋବାଙ୍କ ଅନ୍ୟ ଦୁଇଟି ମୁଖ୍ୟ ପର୍ବ ।

# ସ୍ମୃତିଶକ୍ତି ଓ ନିଦର ନିବିଡ଼ତା

ଆନ୍ତର୍ଜାତୀୟ ନ୍ୟୁରୋସାଇକୋଲାଜିକାଲ ସୋସାଇଟିର ଗବେଷକ ଦଳଙ୍କ ଅନୁସନ୍ଧାନ ଅନୁସାରେ ପ୍ରତ୍ୟେକ ବର୍ଗ ଓ ବୟସର ଲୋକ ଦୈନିକ ୭-୮ ଘଣ୍ଟା ଶୋଇବା ନିତାନ୍ତ ଜରୁରୀ । ଭଲଭାବେ ନିଦ ନ ହେଲେ ତହିଁ ଆରଦିନ ଆମ କାର୍ଯ୍ୟଶୈଳୀ ଉପରେ ଏହାର କୁପ୍ରଭଭାବ ପଡ଼ିଥାଏ। ଏହା ସହ ଆମ ସ୍ମୃତିଶକ୍ତି ମଧ୍ୟ ଦୁର୍ବଳ ହୋଇଥାଏ ବୋଲି ପରୀକ୍ଷାରୁ ପ୍ରମାଣିତ ହୋଇଛି । ଅନିଦ୍ରା ରହିଲେ ବିଭିନ୍ନ ଶାରୀରିକ ସମସ୍ୟା ଉପୁଜେ। ଏହା କାରଣରୁ ଅବସାଦ ଭାବ ସହ ଚିଡ଼ଚିଡ଼ା ମଧ୍ୟ ଲାଗେ । ଭଲ ଭାବେ ଶୋଇଲେ ମାନସିକ ସ୍ଥିତି ଠିକ୍ ରହିବା ସହ ଶଯ୍ୟା ତ୍ୟାଗ ପରେ ଜଣେ ବ୍ୟକ୍ତି ସୁସ୍ଥ ଅନୁଭବ କରିଥାଏ । ବୋଲି ଗବେଷଣାରୁ ପ୍ରମାଣିତ ।



# ଖର୍ଚ୍ଚ ହେବନି ଅଧିକ ଟଙ୍କା: ଦୀର୍ଘାୟୁ ହେବାକୁ ଖାଆନ୍ତୁ ଦୁନିଆର ସବୁଠୁ ଭଲ ଏହି ସ୍ୱାସ୍ଥ୍ୟକର ଖାଦ୍ୟ



ଆମେ ଯେଉଁ ଖାଦ୍ୟ ଖାଉ ତାର ସିଧା ପ୍ରଭାବ ଆମ ସ୍ୱାସ୍ଥ୍ୟ ଉପରେ ରହିଥାଏ। ଦୀର୍ଘାୟୁ ଏବଂ ସୁସ୍ଥ ଜୀବନ ବଞ୍ଚିବା ପାଇଁ ପିଲାବେଳୁ ଉତ୍ତମ ଖାଦ୍ୟପେୟରେ ଧ୍ୟାନଦେବା ନିହାତି ଜରୁରୀ। ଯଦି ଆପଣ ଧ୍ୟାନ ଦେଇ ନାହାନ୍ତି ତାହେଲେ ଏବେଠାରୁ ମଧ୍ୟ ଖାଦ୍ୟାଭ୍ୟାସକୁ ବଦଳାଇ ପାରିବେ। ଏବେ ଆସନ୍ତୁ ଜାଣିବା ଦୁନିଆର ଏପରି କିଛି ଖାଦ୍ୟ ଯାହାକୁ ସବୁଠାରୁ ସ୍ୱାସ୍ଥ୍ୟକର ଖାଦ୍ୟ ବୋଲି କୁହାଯାଏ। ସବୁଠାରୁ ବଡ଼ କଥା ହେଉଛି ଏହି ଖାଦ୍ୟ ଖାଇବାକୁ ଆପଣଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବନି, ବଜାରରୁ ଆପଣଙ୍କୁ ଏହା ସହଜରେ ମିଳିଯିବ। ତାହେଲେ ଆସନ୍ତୁ ଜାଣିବା ସେସବୁ ଖାଦ୍ୟ କଣ କଣ ?

**ଲେମ୍ବୁ:** ଭାରତୀୟ ରୋଷେଇରେ ଲେମ୍ବୁକୁ ଅଧିକ ବ୍ୟବହାର କରାଯାଏ। ଖାଦ୍ୟରେ ଖଟାପଣ ଓ ଖାଦ୍ୟକୁ ଅଧିକ ସ୍ୱାଦିଷ୍ଟ କରିବା ପାଇଁ ଲେମ୍ବୁକୁ ବ୍ୟବହାର କରାଯାଏ। ଏଥିରେ ଅଧିକ ଔଷଧୀୟ ଗୁଣ ଥିବାରୁ ଏହା ସବୁଠାରୁ ସ୍ୱାସ୍ଥ୍ୟକର ଖାଦ୍ୟ ମଧ୍ୟରେ ଅନ୍ୟତମ। ଏଥିରେ ଭିଟାମିନ୍-ସି ଭରପୁର ମାତ୍ରାରେ ଥାଏ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ମଧ୍ୟ ରହିଥାଏ। ଲେମ୍ବୁ କ୍ୟାନ୍‌ସର ସେଲ୍‌କୁ ମଧ୍ୟ ଶରୀରେ ବଢ଼ିବାକୁ ଦିଏ ନାହିଁ। ତେଣୁ ଏହାକୁ ଆପଣଙ୍କ ଖାଦ୍ୟାଭ୍ୟାସରେ ନିହାତି ସାମିଲ୍ କରନ୍ତୁ।

**ଡାଲି:** ଭାରତରେ ଘରେ ଘରେ ପ୍ରାୟ ମଧ୍ୟାହ୍ନ ବା ରାତ୍ରି ଭୋଜନ ସମୟରେ ଡାଲି ସାମିଲ୍ ହୋଇଥାଏ। ଡାଲିରେ ଥିବା ପୋଷଣ ତତ୍ୱ ପାଇଁ ଏହାକୁ ଏବେ ବିଦେଶୀ ରୋଷେଇରେ ମଧ୍ୟ ଏବେ ସାମିଲ୍ କରାଗଲାଣି। ଏଥିରେ ପ୍ରୋଟିନ୍ ଏବଂ ଫାଇବର ଭରପୁର ମାତ୍ରାରେ ରହିଥାଏ। ବିଭିନ୍ନ ପ୍ରକାର ଡାଲି ଖାଇବା ଦ୍ୱାରା ଆପଣଙ୍କ ଅଧିକରୁ ଅଧିକ ପୋଷଣ ମିଳିଥାଏ।

**ରସୁଣ:** ରସୁଣରେ ମଧ୍ୟ ପୋଷଣ ତତ୍ୱ ରହିଛି। ଏହା ଶରୀରରେ କ୍ଷତିକାରକ ବ୍ୟାକ୍ଟେରିଆଙ୍କୁ ନଷ୍ଟ କରିବା ସହିତ କୋଲେଷ୍ଟରଲକୁ କମ୍ କରିବା, ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ। ଆପଣ ତର୍କାରିରେ, ସୁପ୍‌ରେ କିମ୍ବା ଆଚାର କରି କିମ୍ବା କଞ୍ଚା ରସୁଣ ମଧ୍ୟ ଖାଇପାରିବେ। ରସୁଣରେ ଆଣ୍ଟି କ୍ୟାନସର ଗୁଣ ମଧ୍ୟ ରହିଥାଏ।

**ବିଟ୍:** ବହୁତ ଲୋକମାନେ ସ୍ୱାଦ ପାଇଁ ବିଟ୍‌କୁ ନାପସନ୍ଦ କରନ୍ତି। କିନ୍ତୁ ଏହାର ଔଷଧୀୟ ଗୁଣ ଆଗରେ ସ୍ୱାଦକୁ ମଧ୍ୟ ବାଦ୍ ଦିଆଯାଇପାରେ। ଏହା ରକ୍ତ ଚାପ କମଇଥାଏ। ମସ୍ତିଷ୍କ ପାଇଁ ମଧ୍ୟ ଏହା ବହୁତ ଭଲ ହୋଇଥାଏ। ଏଥିରେ ଫୋଲେଟ୍, ଭିଟାମିନ୍-ସି, ମ୍ୟଗ୍ନେସିୟମ ଭଳି ମାଇକ୍ରୋ ନିଉଟ୍ରିଏଣ୍ଟସ୍ ଥାଏ।

# ବିପଦସଙ୍କୁଳ ହ୍ରଦ



ଦୁନିଆରେ ଏମିତି କିଛି ସ୍ଥାନ ଅଛି ଯାହା ଏବେ ମଧ୍ୟ ରହସ୍ୟ ଘେରରେ ରହିଅଛି । ଯାହାର ସତ୍ୟତା ଜାଣିବା ପାଇଁ ଆଜି ପର୍ଯ୍ୟନ୍ତ କେହି ସକ୍ଷମ ହୋଇପାରି ନାହାନ୍ତି । ଆସନ୍ତୁ ଏଭଳି ଏକ ରହସ୍ୟମୟ ହ୍ରଦ ବିଷୟରେ ଅବଗତ ହେବା । ତାଞ୍ଜାନିଆରେ 'ଦ ଲେକ୍ ନାଟ୍ରୋନ୍' ଏକ ହ୍ରଦ ରହିଛି । ଏହି ହ୍ରଦର ରହସ୍ୟକୁ ଶୁଣିଲେ ଲୋମ ଟାଙ୍କୁରି ହୋଇ ଉଠିବ । ଏହି ହ୍ରଦରେ ଆପଣ ଜୀବନ୍ତ ପଶୁପକ୍ଷୀଙ୍କୁ ପଥର ପାଲଟି ଯାଇଥିବାର ଦେଖିବାକୁ ପାଇବେ । କୁହାଯାଏ, କିଛି ବର୍ଷ ପୂର୍ବରୁ ଏଠାରେ ପ୍ରବଳ ଥଣ୍ଡା ପଡ଼ିଥିଲା । ଥଣ୍ଡାର ପ୍ରକୋପ ସହି ନ ପାରି ଏଠାକୁ ଆସୁଥିବା ପଶୁପକ୍ଷୀଙ୍କ ମୃତ୍ୟୁ ହୋଇ ଯାଇଥିଲା । ହ୍ରଦ ପାଖରେ ଲାଭା ଉଦଗୀରଣ ଫଳରେ ସେଥିରୁ ବାହାରୁଥିବା ପାଉଁଶ ବାୟୁମଣ୍ଡଳରେ ବ୍ୟାପୀ ପଶୁପକ୍ଷୀଙ୍କ ମୃତ ଶରୀରକୁ ପଥରରେ ବଦଳାଇ ଥିଲା । ହ୍ରଦର ଏହିଭଳି ଭୟଙ୍କର ଅବସ୍ଥା ଦେଖି ସେଠାକୁ କେହି ଯିବାକୁ ପସନ୍ଦ କରୁନାହାନ୍ତି ।

# ମାଛର ସୌନ୍ଦର୍ଯ୍ୟ ପାଇଁ ପ୍ଲାଷ୍ଟିକ୍ ସର୍ଜରି !

ମାଛକୁ ନିଖୁଣ ରୂପ ଦେବା ପାଇଁ ପ୍ଲାସଷ୍ଟିକ୍ ସର୍ଜରି କରାଯାଉଛି । ଅବିଶ୍ୱସନୀୟ




ଲାଗୁଥିଲେ ହେଁ ଏହା ସତ୍ୟ । ସିଙ୍ଗାପୁରରେ ମାଛର ଆଖି, ପାଟି ଅଦିରେ ପ୍ଲାସଟିକ୍ ସର୍ଜରି ହେଉଛି । ମୁଖ୍ୟତଃ ଏରୋୱାନା ନାମକ ଆକ୍ୱାରିଅମ ମାଛର ପ୍ଲାସଟିକ୍ ସର୍ଜରି ସେଠାରେ ଲୋକପ୍ରିୟ । ଏହା ଲମ୍ବରେ ତିନି ଫୁଟ୍ ପର୍ଯ୍ୟନ୍ତ ବଢ଼ିପାରେ; ଏବଂ ଦଶ ବର୍ଷରୁ ଅଧିକ କାଳ ବଞ୍ଚିପାରେ । ବିତ୍ତଶାଳୀ ଚାଇନିଜ୍ ବ୍ୟବସାୟୀମାନେ ଏହାକୁ ଅତି ଶୁଭଙ୍କର ମନେକରନ୍ତି । ବ୍ୟବସାୟ ସଂପର୍କିତ କୌଣସି ଭୁଲ ନିଷ୍ପତ୍ତି



ନେବାକୁ ଯାଉଥିବା ବେଳେ ଏହି ମାଛ କୁଆଡ଼େ ଚେତାବନୀ ଦେବା ପାଇଁ ଆକ୍ୱାରିଅମ୍ ବାହାରକୁ ଲମ୍ଫ ପ୍ରଦାନ କରେ । ଏରୋୱାନା ଶାବକର ମୂଲ୍ୟ ଭାରତୀୟ ମୁଦ୍ରାରେ ପ୍ରାୟ ସତୁରି ହଜାର ଟଙ୍କା । ତେବେ, ପ୍ରାପ୍ତ ବୟସ୍କ ଏରୋୱାନାର ମୂଲ୍ୟ ବହୁତ ଅଧିକ । କିଛି ବର୍ଷ ତଳେ ଏକ ପ୍ରାପ୍ତ ବୟସ୍କ ଏରୋୱାନା ୨.୧ କୋଟି ଟଙ୍କାରେ ବିକ୍ରି ହୋଇଥିଲା ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମନ୍ୱୟ ଆବଶ୍ୟକ...

ଭାରତବର୍ଷର ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ସଂଘୀୟ ଓ ସମନ୍ୱୟ ରକ୍ଷାରେ ପୂର୍ବଭଳି ସ୍ଥିତି ରହିଛି ବୋଲି ଦୃଢ଼ତା ସହକାରେ କୁହାଯାଇ ପାରୁନାହିଁ । ଏହା ପଛରେ ରହୁଛି ଅନେକ କାରଣ ଓ ବାଧ୍ୟବାଧକତା। କ୍ଷମତାଧରମାନଙ୍କ କାର୍ଯ୍ୟଶୈଳୀରେ ଅନୁଚିତ ପରିବର୍ତ୍ତନ ହେଉଛି ଏବଂ ଉଭୟ କେନ୍ଦ୍ର ତଥା ରାଜ୍ୟସମୂହ ଉପରେ ପଡୁଛି ତାହାର ପ୍ରତିକୂଳ ପ୍ରଭାବ । ଯାହା ଯେମିତି ସ୍ୱାଭାବିକ ଢଙ୍ଗରେ ଚାଲିବା କଥା, ସେଥିରେ ଖାଲି ବିଘ୍ନ ସୃଷ୍ଟି ହେଉନାହିଁ, ବରଂ ଜାତୀୟ ସଂହତି କ୍ଷୁର୍ଣ୍ଣ ହେବାପାଇଁ କାରଣକୁ ବାଟ କଢ଼ାଉଛି । ଅତୀତରେ କେତେକ କ୍ଷେତ୍ରରେ କେନ୍ଦ୍ର-ରାଜ୍ୟ ସମ୍ପର୍କ ନେଇ ଏକାଧିକ କମିଶନ ବସାଯାଇ ସଂଜ୍ଞା ନିରୁପଣ ଉଦ୍ୟମ ହୋଇଛି । ରାଜ୍ୟଗୁଡ଼ିକ ଭିତରେ ସୀମା ସରହଦ ନେଇ ସମସ୍ୟାଠାରୁ ଆରମ୍ଭ କରି ନଦୀଜଳ ବଣ୍ଟନ ପର୍ଯ୍ୟନ୍ତ ବହୁ ପ୍ରସଙ୍ଗ ରହିଛି, ତାହାର ସମାଧାନ ଉଦ୍ୟମ ସେମିତି ଅଧାପନ୍ତରିଆ ହୋଇ ରହିଛି । ନା କେନ୍ଦ୍ର ପକ୍ଷରୁ ତାହାର ସମାଧାନ ଉଦ୍ୟମ ହୋଇଛି, ନା ରାଜ୍ୟଗୁଡ଼ିକ ଦେଖାଇଛନ୍ତି ଆନ୍ତରିକତା ମୂଳରୁ ବ୍ୟାଧିର ଉପଶମ ଉଦ୍ୟମରେ ନିଷ୍ଠା ରହୁନଥିବାରୁ ପରେ ତାହା ବେଳେବେଳେ ଦୁରାରୋଗ୍ୟର ରୂପ ନେଇଯାଉଛି । ସେତେବେଳକୁ ନେଡ଼ିଗୁଡ଼ କହୁଣିକୁ ବୋହିଗଲା ଭଳି ହେଉଛି । ଗୋଟିଏ ଅଧେ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ କ୍ଷେତ୍ରରେ କୌଣସି ନା କୌଣସି ସମୟରେ ଜଟିଳତା ପରିଲକ୍ଷିତ ହେବାରେ ଲାଗିଛି । ରାଜ୍ୟ-ରାଜ୍ୟ ଭିତରେ ବିବାଦ ଲାଗିଲେ ଯଦି ନିଷ୍ପାର ସହ କେନ୍ଦ୍ର ମଧ୍ୟସ୍ଥି ଭୂମିକା ସମ୍ପାଦନ କରୁଥାନ୍ତା, କିଛି ନହେଲେ ତିକ୍ତତା ଅଧିକ ଆଗକୁ ବଢ଼ିଯାଇପାରନ୍ତା ନାହିଁ ବୋଲି ସମୀକ୍ଷକ ମହଲ ମତ ରଖନ୍ତି । ସମ୍ବିଧାନରେ ସ୍ପଷ୍ଟରୂପେ ଜାତୀୟ ଅଖଣ୍ଡତା ତଥା ଆଞ୍ଚଳିକ ସାର୍ବଭୌମତ୍ୱର ସ୍ୱାର୍ଥରେ ଯେଉଁଭଳି ଗୁରୁତ୍ୱ ଦିଆଯାଇଛି, ତାହାର ଆକ୍ଷରିକ ଅନୁପାଳନ ଦୂରର କଥା, ବରଂ ଅକୁଣ୍ଠ ଲଂଘନର ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି । ତାହାହିଁ ବିଶେଷଜ୍ଞମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ।

# ଭାରତୀୟ ଦର୍ଶନରେ ଆଦ୍ୟାଶକ୍ତି



**ଜୟଶ୍ରୀ ପଟ୍ଟନାୟକ**



ଶରତ ସମ୍ଭାର ନେଇ ଶାରଦୀୟ ଉତ୍ସବରେ, କାଶତଣ୍ଡିର ଚଅଁର ମଧରେ ଆକାଶର ଧଳା ଧଳା ମେଘମାଳାର ପଟୁଆରରେ, ଗଙ୍ଗଶିଉଳି ଫୁଲର ମହକରେ, ପ୍ରକୃତିର ଶ୍ୟାମଳିମାରେ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସନ୍ତି ମା ଦୁର୍ଗା। ଭାରତରେ ଦୁର୍ଗାପୂଜା ଖୁବ୍ ପ୍ରାଚୀନ କାଳରୁ ହୋଇଥିଲା। ଭାରତୀୟ ଦର୍ଶନରେ ଆଦ୍ୟାଶକ୍ତି ପ୍ରକୃତି ରୂପିଣୀ। ଭାରତ ବର୍ଷରେ ପର୍ବ ପର୍ବାଣୀ ଆର୍ଯ୍ୟ ସଂସ୍କୃତିର ପ୍ରାଣ ସ୍ୱରୂପ। ବାର ମାସରେ ତେର ଯାତ ଏବଂ ଋତୁଚକ୍ରର ପରିବର୍ତନ ମାନବ ଜୀବନରେ ଅନେକ ଆଧ୍ୟାତ୍ମିକ ମନୋଭାବ ଜାଗ୍ରତ କରାଏ। ଆମ ସଂସ୍କୃତିରେ ଶକ୍ତିପୂଜା ଖୁବ୍ ପ୍ରାଚୀନ । ଜୀବ ଓ ଜଡ ଜଗତର ପ୍ରତ୍ୟେକ୍ଷ ଓ ପରୋକ୍ଷ ବିକାଶର ମୂଳଉତ୍ସ ହେଉଛି ଶକ୍ତି । ମା' କହିଲେ ଜନ୍ମଦାତ୍ରୀ ଯିଏ ଜନ୍ମ ଦିଏ ଲାଳନ ପାଳନ କରେ ଆଉ ଜଣେ ମା' ହେଲେ ପରମ କଲ୍ୟାଣମୟୀ ମା' । ଯିଏ ଆମକୁ ବିପଦ ଆପଦରୁ ରକ୍ଷା କରନ୍ତି ତାଙ୍କର ଅପାର ଶକ୍ତି ବଳରେ । ମଣିଷ ଭିତରେ ଅଛି ଜୀବନୀ ଶକ୍ତି ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ଶକ୍ତି। ମଣିଷର ମାନସିକ ଶକ୍ତିର ମୂଳ ହେଲା ଇଚ୍ଛା ଶକ୍ତି। ଏହି ମାନସିକ ଶକ୍ତିରୁ ଆସେ ମଣିଷର କଳ୍ପନା, ଉଦ୍ଭାବନା ଓ ସୃଜନ ଶକ୍ତି। ଆଦ୍ୟାଶକ୍ତି ହିଁ ସବୁ ଶକ୍ତିର ଆଧାର। ସେ ସର୍ବଂସହା, ସର୍ବ ଶକ୍ତିମୟୀ, ସତ୍ ଚିତ ଆନନ୍ଦ ମୟୀ। ଆମ ସଂସ୍କୃତିରେ ଶକ୍ତି ଉପାସନାର ମହନୀୟ ପରମ୍ପରା ମାନବ ଜାତିର କ୍ରମ ବିକାଶର ପରିଚାୟକ। ନିଖିଳ ବ୍ରହ୍ମାଣ୍ଡର ସୃଷ୍ଟି, ସ୍ଥିତି, ପ୍ରଳୟର ମୂଳ ଉତ୍ସ ହେଉଛନ୍ତି ମାତୃରୂପୀ ଶକ୍ତି। ନାରୀ ଯେ ଏହି ତ୍ରିଶକ୍ତିର ଅଧିକାରିଣୀ ଏହା ଅତିମାନବ ଅନୁଭବ କରିଥିଲା। ତେଣୁ କୁହାଯାଏ ପ୍ରାଗୈତିହାସିକ ଯୁଗରୁ ଭାରତବର୍ଷରେ ମହାଦେବୀଙ୍କ ପୂଜାର ଅୟମାରମ୍ଭ। ଶିବଙ୍କୁ ପଶୁପତି ରୂପେ ଆଖ୍ୟା ଦେଇ ତାଙ୍କ ସହ ଆଦିମାତାଙ୍କ ପୂଜାର ଅୟମାରମ୍ଭ। ଭାରତୀୟ ସଂସ୍କୃତିରେ ମାତୃପୂଜାର ପରମ୍ପରା ଯୁଗ ଯୁଗ ଧରି ପ୍ରଚଳିତ। ମା' ହେଉଛନ୍ତି ବିଷ୍ଣୁଙ୍କର ମାୟା ଶକ୍ତି। ଭାରତୀୟ ସଂସ୍କୃତିରେ ଦେବ ପୂଜା ଠାରୁ ଦେବୀ ପୂଜାର ପ୍ରାଧାନ୍ୟ ଅଧିକ। ପ୍ରାଚୀନ କାଳରୁ ଆମ ମୁନିଋଷି ମାନେ ଆଦ୍ୟାଶକ୍ତି ପରଂବ୍ରହ୍ମ ସ୍ୱରୂପିଣୀ ମହାମାୟା ଜଗଜ୍ଜନନୀଙ୍କ ଗୁରୁତ୍ୱ ଉପଲବ୍ଧି କରି ଶକ୍ତି ତତ୍ତ୍ୱର ଚିନ୍ତନ-ମନନ-ପୂଜନର ପରମ୍ପରା ପ୍ରତିଷ୍ଠିତ କରି ଯାଇଛନ୍ତି। ଭାରତୀୟ ସଂସ୍କୃତିରେ ଶକ୍ତି ତିନି ଗୁଣ ଯଥା ସତ୍ୱ, ରଜ ଓ ତମ। ରଜ ଗୁଣରେ ସୃଷ୍ଟି କରନ୍ତି, ସତ୍ୱ ଗୁଣରେ ସ୍ଥିତି କରନ୍ତି, ତମ ଗୁଣରେ ସଂହାର କରନ୍ତି। ଭାରତୀୟ ସଂସ୍କୃତିରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏ ତିନି ଦେବତା ଯଥାକ୍ରମେ ତିନିଶକ୍ତିର ବୀଜ ସ୍ୱରୂପ । ତେଣୁ ଶକ୍ତି କହିଲେ ଏହି ତ୍ରିଶକ୍ତିଙ୍କ ସମ୍ମିଳିତ ରୂପ ଦୁର୍ଗା ଙ୍କୁ ହିଁ ବୁଝାଏ। ଶକ୍ତି ଅର୍ଥ ବଳ । ଦୁର୍ଗା ଶବ୍ଦ ଦୁଇଟି ବିଶିଷ୍ଟ । ଦୁ କହିଲେ ପ୍ରଥମେ ଆସେ ଦ ଶବ୍ଦ ଯାହାର ଅର୍ଥ ଦମନ, ଦମ୍ଭ, ଦଣ୍ଡ ଦକ୍ଷିଣା, ଦର୍ଶନ ଉ କାର ଯୁକ୍ତ ହୋଇ ହୋଇଛି ଦୁ ଯାହାର ଅର୍ଥ ଦୁରାଚାର ଦାରିଦ୍ର୍ୟ ଭଣୀ । ର ଅର୍ଥ ଅଗ୍ନିବୀଜ ଯାହା ଜଳାଇ ଶୁଦ୍ଧ କରେ । ଗ ଅର୍ଥ ଗଙ୍ଗା, ପାପନାଶିନୀ, ଅ ଅର୍ଥ ଅନ୍ୟାୟ , ଅତ୍ୟାଚାର, ଅଧର୍ମ, ସଂହାରକାରିଣୀ ଇତ୍ୟାଦି । ତେଣୁ ମା ହେଲେ ଦୁର୍ଗତିନାଶିନୀ । ଦୁର୍ଗା ଏକାଧାରରେ ବ୍ରାହ୍ମଣୀ, ବୈଷ୍ଣବୀ ଓ ଶୈବୀ। ତେଣୁ ଦୁର୍ଗା ଉପାସନା ସାର୍ବଜନୀନ। ସେ ସର୍ବତ୍ର ଶକ୍ତି ରୂପରେ ଅଧିଷ୍ଠିତ ଓ ପୂଜିତ। ସେ ସର୍ବବ୍ୟାପୀ। ସେଥିପାଇଁ କୁହାଯାଇଛି-

ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା
ନମସ୍ତସେ ନମସ୍ତସେ ନମସ୍ତସେ ନମୋ ନମଃ।

ପୁରାଣ, ବେଦ, ଉପନିଷଦ ମାନଙ୍କରେ ଏହି ମହାଶକ୍ତିଙ୍କ ଆବିର୍ଭାବ ଭିନ୍ନ ଭିନ୍ନ ରୂପ ନେଇଥାଏ। ଶିବ ପୁରାଣ ଅନୁସାରେ ଦକ୍ଷ ପ୍ରଜାପତି ଏକ ମହାଯଜ୍ଞର ଆୟୋଜନ କରି ସେଥିରେ ସମସ୍ତ ଦେବତା ମୁନି ଋଷି ଓ ରାଜା ମହାରାଜା ମାନଙ୍କୁ ନିମନ୍ତ୍ରଣ କରିଥିଲେ ମଧ୍ୟ ନିଜର କନ୍ୟା ସତୀ ଓ ଜାମାତା ଦେବ ଦେବ ମହାଦେବଙ୍କୁ ଆମନ୍ତ୍ରଣ କରି ନଥିଲେ। ପିତାଙ୍କର ଏ ପ୍ରକାର କାର୍ଯ୍ୟଦ୍ୱାରା ଦୁଃଖରେ ମ୍ରିୟମାଣା ସତୀ ବିନା ନିମନ୍ତ୍ରଣରେ ଉକ୍ତ ଯଜ୍ଞସ୍ଥଳରେ ପହଂଚି ଶେଷରେ ନିଜ ପିତାଙ୍କ ଦ୍ୱାରା ଅପମାନିତ ହୋଇ ଏବଂ ପତିଙ୍କ ନିନ୍ଦା ଶ୍ରବଣ କରି ଉକ୍ତ ଯଜ୍ଞାନଳରେ ଆତ୍ମ ବିସର୍ଜନ କରିବା ନିମନ୍ତେ ବାଧ ହୋଇଥିଲେ। ସତୀଙ୍କର ଅର୍ଦ୍ଧଦଗ୍ଧ ଶରୀରକୁ ଧାରଣ କରି ଶିବ ପ୍ରଳୟ କାଳୀନ ତାଣ୍ଡବ ନୃତ୍ୟାରମ୍ଭ କରିଥିଲେ। ଶିବଙ୍କର ଏଭଳି ଉଦ୍ଦଣ୍ଡ ନୃତ୍ୟ ଦେଖି ଦେବତା ମାନେ ପ୍ରମାଦ ଗଣିବା ସହିତ ସତୀଙ୍କ ପ୍ରତି ଶିବଙ୍କର ଆସକ୍ତି ମୋଚନ ନିମିତ ବୈକୁଣ୍ଠ ନିବାସୀ ବିଷ୍ଣୁଙ୍କୁ ଆକୁଳ ନିବେଦନ କରିଥିଲେ। ସ୍ୱୟଂ ବିଷ୍ଣୁ ନିଜର ସୁଦର୍ଶନ ଚକ୍ର ଦ୍ୱାରା ସତୀଙ୍କ ଅଙ୍ଗ କୁ ଖଣ୍ଡ ଖଣ୍ଡ କରିବା ଦ୍ୱାରା ୫୧ ଟି ସ୍ଥାନରେ ସତୀଙ୍କ ଶରୀରାଂଶ ପଡିଥିଲା। ଯେଉଁ ଯେଉଁ ସ୍ଥାନରେ ପତିତ ହୋଇଥିଲା ତାହା ପରବର୍ତୀ ସମୟରେ ଗୋଟିଏ ଗୋଟିଏ ଶାକ୍ତପୀଠ ରୂପେ ପରିଗଣିତ ହେଲା। ଯଥା

ବାଣପୁରେ ଭଗବତୀ
ଶ୍ରୀକ୍ଷେତ୍ରେ ବିମଳା,
କାକଟପୁରେ ରହିଲୁ
ନାମ ତୋ ମଙ୍ଗଳା
ଝଙ୍କଡେ ଶାରଳା ନାମ
ଅଟଇ ତୋହର,
ବିରଜାଇ ନାମେ ବିଜେ
କରୁ ଯାଜପୁରେ
ବାଙ୍କୀରେ ନାମ ତୋର
ଅଟଇ ଚର୍ଚ୍ଚିକାଇ,
ସମ୍ବଲପୁରେ ନାମ
ବହିଲୁ ସମଲାଇ
ତାଳଚେରରେ ହିଙ୍ଗୁଳା
ନାମ ତୋର ମାଆ,
ଏହିପରି ଖ୍ୟାତ ତୋର
ଆଠଗୋଟି ନାଆ।

ଏହି ସବୁ ଦେବୀ ପୀଠରେ କେଉଁଠି ଦେବୀ ଦ୍ୱିଭୂଜା ତ କେଉଁଠି ଷଡ଼ ଭୂଜା କେଉଁଠି ଦଶଭୂଜା ତ କେଉଁଠି ବାରଭୂଜା। କେଉଁଠି ଠାକୁରାଣୀ ପରମ ବୈଷ୍ଣବୀ ତ କେଉଁଠି କାତ୍ୟାୟିନୀ । କେଉଁଠି ନରମୁଣ୍ଡ ମାଳିନୀ ଓ ଶବରୁଢ଼ା କେଉଁଠି ଷୋଡଶୀ ତ କେଉଁଠି ତ୍ରିପୁରା ସୁନ୍ଦରୀ। ନିରାକାର ପରଂବ୍ରହ୍ମ ଭଗବାନ ସୃଷ୍ଟି ସର୍ଜନା ପାଇଁ ଯୋଗଦ୍ୱାରା ନିଜକୁ ଏକ ସୁନ୍ଦର ଅର୍ଦ୍ଧ ନାରୀଶ୍ୱର କଲେ ଯାର ଦକ୍ଷିଣ ଅଙ୍ଗରେ ପୁରୁଷ ଓ ବାମାଙ୍ଗ ରେ ନାରୀ। ଏହି ପ୍ରକୃତି ହେଉଛନ୍ତି ମହାମାୟା, ସନାତନ ଶକ୍ତି ଜଗଜ୍ଜନନୀ ବା ସମଗ୍ର ସୃଷ୍ଟିର ମାତୃଶକ୍ତି। ଶ୍ରୀ ଜଗନ୍ନାଥଙ୍କୁ ଯେପରି ଆମେ ଦାରୁବ୍ରହ୍ମ କହୁ ସେହିପରି ଆଦିମାତା ମାହେଶ୍ୱରୀ ଉମାଦେବୀଙ୍କୁ ବ୍ରହ୍ମ ଭାବରେ ଉପାସନା କରାଯାଏ। ମାତୃକାୟା ଓ ମହାବିଦ୍ୟା ଶକ୍ତି ବ୍ରହ୍ମ ସହ ଯୁକ୍ତ ହୋଇ ସରସ୍ୱତୀ, ଶିବ ସହ ଯୁକ୍ତ ହୋଇ ଶିବ ଶକ୍ତି, ବିଷ୍ଣୁ ସହ ଲକ୍ଷ୍ମୀ ଭାବରେ ପରିଚିତ। ମାତୃଶକ୍ତି ସ୍ୱରୂପ ଦୃଷ୍ଟିରୁ ୪ ଭାଗରେ ବିଭକ୍ତ କରାଯାଇଛି। ୧ ମାହେଶ୍ୱରୀ ୨, ମହାକାଳୀ ୩, ମହାଲକ୍ଷ୍ମୀ ୪, ମହା ସରସ୍ୱତୀ। ମାହେଶ୍ୱରୀ ଅନନ୍ତ ଶକ୍ତିର ପ୍ରତୀକ ଶିବଙ୍କର ଅସ୍ତିତ୍ୱ। ମହାକାଳୀ- ପୃଥିବୀ ଉପରେ ଯେମିତି ଅନ୍ଧାର, ଆଲୁଅ, ସୁଖ, ଦୁଃଖ, ଭଲ, ମନ୍ଦ ରହିଛି। ଆସୁରିକ ଶକ୍ତି ପ୍ରଭାବରେ ଯେତେବେଳେ ସଂସାରରେ ଅନ୍ୟାୟ, ଅନୀତି, ଅତ୍ୟାଚାର, ଭ୍ରଷ୍ଟାଚାର, ଦୁର୍ବଳ ଉପରେ ସବଳର ଅତ୍ୟାଚାର ବଢ଼େ। ସେତେବେଳେ ସଂସାରରେ ଦୁଷ୍କୃତି ବଢ଼ିଥାଏ। ଏହି ଦୁଷ୍କୃତିର ବିନାଶ ପାଇଁ ମହାଶକ୍ତି ମହାକାଳୀ ରୂପ ନେଇଥାନ୍ତି। ମହାଲକ୍ଷ୍ମୀ- ମହାଲକ୍ଷ୍ମୀ ସମଗ୍ର ପୃଥିବୀର ଧନ, ରୂପ, ବିଭବ, ଆନନ୍ଦର ଅଧିକାରିଣୀ ମହାଲକ୍ଷ୍ମୀ ସାତ୍ୱିକ ଗୁଣ ସମ୍ପନ୍ନା। ମହା ସରସ୍ୱତୀ- ସମସ୍ତ କଳା, ସଙ୍ଗୀତ, ସାହିତ୍ୟ ଭିତରେ ମହା ସରସ୍ୱତୀ ହିଁ ବାକ୍‌ଦେବୀ ବା ଜ୍ଞାନର ଦେବୀ। ତେଣୁ ସଂସାରରେ ବିଶ୍ୱ ଜନନୀ ପ୍ରକୃତି ରୂପା ମାତୃଶକ୍ତିଙ୍କ ବ୍ୟତୀତ ଅନ୍ୟ କିଛି ନାହିଁ। ଜଗତଜନନୀ ମା ସୃଷ୍ଟି, ସ୍ଥିତି, ଧ୍ୱଂସର କେନ୍ଦ୍ରବିନ୍ଦୁ। ସୃଷ୍ଟିର ଆଦ୍ୟକାଳରୁ ସେ କଲ୍ୟାଣମୟୀ, ବୀଣା ଧାରିଣୀ ତାମସୀ ରୂପରେ ସର୍ବତ୍ର ଉପାସିତା।

ମାର୍କଣ୍ଡେୟ ପୁରାଣ ଅନୁସାରେ ଦୁର୍ଗା ଶୁଦ୍ଧଚିତ। ସେ ଶିବଙ୍କର ଶକ୍ତି, ବିଷ୍ଣୁଙ୍କର ମାୟା। ସେ ବୈଷ୍ଣବୀ ସେ ଶଙ୍କରୀ। ସେ ସୃଷ୍ଟି, ସେ ପ୍ରଳୟକାରିଣୀ। ଉପନିଷଦ ଅନୁଯାୟୀ ସେ ବ୍ରହ୍ମ ସ୍ୱରୂପିଣୀ ଜଗତ ସୃଷ୍ଟିର ମୂଳ କାରଣ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# କେବେ ସମ୍ଭବ ହେବ ର୍ୟାଗିଂ ମୁକ୍ତ ଶିକ୍ଷାନୁଷ୍ଠାନ

**ସୁବାସ କୁମାର ତାରଣିଆଁ**

ବିଜେବି ସ୍ୱୟଂଶାସିତ କଲେଜର +୩ ପ୍ରଥମ ବର୍ଷର ଛାତ୍ରୀ ରୁଚିକା ମହାନ୍ତିଙ୍କ ର୍ୟାଗିଂ ଜନିତ ଆତ୍ମହତ୍ୟା ଘଟଣା ରାଜ୍ୟରେ ଏବେ ଚାଞ୍ଚଲ୍ୟ ସୃଷ୍ଟି କରିଛି। କଲେଜର ତିନିଜଣ ବରିଷ୍ଠ ସହପାଠୀ ରୁଚିକାଙ୍କୁ ମାନସିକ ନିର୍ଯ୍ୟାତନା (ର୍ୟାଗିଂ) ଦେଉଥିଲେ। ନିର୍ଯ୍ୟାତନା ଅସହ୍ୟ ହେବାରୁ ଶେଷରେ ରୁଚିକା ଛାତ୍ରୀନିବାସ ଭିତରେ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପୂର୍ବରୁ ରୁଚିକା ଲେଖିଥିବା ଚିଠିରୁ ଏହା ର୍ୟାଗିଂ ଜନିତ ଆତ୍ମହତ୍ୟା ଜଣାପଡ଼ିବାରୁ ଏହି ଘଟଣା ଏବେ ସାରା ରାଜ୍ୟରେ ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଛି। ଏପରିକି ବିଧାନସଭାରେ ମଧ ରୁଚିକାଙ୍କ ଆତ୍ମହତ୍ୟାକୁ ନେଇ ତୁମୁଳ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ଓଡ଼ିଶାର ପ୍ରମୁଖ ଶିକ୍ଷାନୁଷ୍ଠାନ ଭୁବନେଶ୍ୱରର ବିଜେବି କଲେଜରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ଲୋକଲୋଚନକୁ ଆସିବା ପରେ ଅଭିଭାବକ ଓ ସାଧାରଣ ଜନତାଙ୍କ ମହଲରେ ଉତ୍ତେଜନା ଲାଗି ରହିଛି। ସାରା ରାଜ୍ୟରେ ଏହି ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ରୁଚିକାଙ୍କ ଆତ୍ମହତ୍ୟା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କଲେଜ ସମ୍ମୁଖରେ ଆନ୍ଦୋଳନ ଜାରି ରହିଛି। ରାଜ୍ୟର ବିଭିନ୍ନ ସାମାଜିକ ସଂଗଠନ କଲେଜ ଫାଟକ ସମ୍ମୁଖରେ ଧାରଣା ଦେଉଥିବା ବେଳେ ମୃତ ରୁଚିକାଙ୍କ ମା' ଝିଅକୁ ନ୍ୟାୟ ଦାବିରେ ଧାରଣାରେ ବସି ରହିଛନ୍ତି। ଇତିମଧ୍ୟରେ ରୁଚିକାଙ୍କ ଆତ୍ମହତ୍ୟା ୧୧ଦିନ ବିତି ଯାଇଥିଲେ ମଧ ଏପର୍ଯ୍ୟନ୍ତ ଅଭିଯୁକ୍ତମାନେ ଚିହ୍ନଟ ହୋଇ ନଥିବାରୁ ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ରୁଚିକାଙ୍କ ମୃତ୍ୟୁ ପରେ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ରହିଥିବା ଶିକ୍ଷାଦାନ ଓ ତଦାରଖ ବ୍ୟବସ୍ଥା ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କେବଳ ବିଜେବି କଲେଜରେ ନୁହେଁ, ଓଡ଼ିଶାର ବିଭିନ୍ନ କଲେଜରେ ଏବେ ର୍ୟାଗିଂ ବଢି ବଢି ଚାଲିଛି। ବରିଷ୍ଠ ଛାତ୍ରଛାତ୍ରୀମାନେ କନିଷ୍ଠ ଛାତ୍ରଛାତ୍ରୀମାନଙ୍କୁ ମାନସିକ ନିର୍ଯ୍ୟାତନା ଦେଇ ଆସୁଛନ୍ତି। ଏଥିମଧ୍ୟରୁ କେତେକ କ୍ଷେତ୍ରରେ କଲେଜରେ ଆପୋଷ ବୁଝାମଣା ହୋଇ ଘଟଣାର ସମାଧାନ କରାଯାଉଥିବା ବେଳେ ଅନ୍ୟ କେତେକ କଲେଜରେ ର୍ୟାଗିଂ ଘଟଣା କଲେଜରେ ବୁଝାମଣା ହୋଇ ନ ପାରିବାରୁ ଲୋକଲୋଚନକୁ ଆସିପାରିଛି। ଓଡ଼ିଶାର ଶିକ୍ଷାନୁଷ୍ଠାନ ଗୁଡ଼ିକ ର୍ୟାଗିଂ ମୁକ୍ତ ହୋଇପାରୁ ନାହିଁ। ବରିଷ୍ଠଙ୍କ ନିର୍ଯ୍ୟାତନାରେ ବହୁ କନିଷ୍ଠ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ ହେଉନି, ବରଂ ଅକାଳରେ ଜୀବନ ହାରୁଛନ୍ତି। ଏକ ଆକଳନରୁ ଜଣାପଡ଼ିଛି ଯେ ର୍ୟାଗିଂରେ ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନରେ ଅଛି। ଉତ୍ତର ପ୍ରଦେଶ ଶୀର୍ଷରେ ରହିଥିବା ବେଳେ ପଶ୍ଚିମବଙ୍ଗ ଦ୍ୱିତୀୟ ଓ ମଧ୍ୟ ପ୍ରଦେଶ ତୃତୀୟରେ ରହିଛି। ଦିଲ୍ଲୀ, ବିହାର, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ପରି ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ବହୁତ ଖରାପ। କଲେଜ କ୍ୟାମ୍ପସ ଓ ହଷ୍ଟେଲ ଛାତ୍ରଛାତ୍ରୀଙ୍କ ଲାଗି ଅସୁରକ୍ଷିତ ହୋଇପଡ଼ିଛି। ର୍ୟାଗିଂ ରୋକିବା ନିମନ୍ତେ ୨୦୦୯ ମସିହାରୁ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ୟୁଜିସି ରେଗୁଲେସନ କାର୍ଯ୍ୟକାରୀ ହୋଇଛି। ଏହା ସତ୍ତ୍ୱେ ରାଜ୍ୟରୁ ର୍ୟାଗିଂର ଭୟ ଦୂର ହୋଇପାରି ନାହିଁ, ବରଂ ଗୋଟିଏ ପରେ ଗୋଟିଏ ର୍ୟାଗିଂ ଘଟଣା ଏବେ ସାମ୍ନାକୁ ଆସୁଛି।

ବିଜେବି କଲେଜ ପରେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରଶିକ୍ଷଣ କେନ୍ଦ୍ରରେ ଜଣେ ପ୍ରଥମ ବର୍ଷର ଛାତ୍ରୀଙ୍କୁ ବରିଷ୍ଠ ଛାତ୍ରୀ ର୍ୟାଗିଂ କରିଥିବା ଅଭିଯୋଗ ସାମ୍ନାକୁ ଆସିଛି। ର୍ୟାଗିଂର ଶିକାର ଛାତ୍ରୀ ଜଣକ ଏ ନେଇ ଆଣ୍ଟି ର୍ୟାଗିଂ ସ୍କ୍ୱାର୍ଡକୁ ଫୋନ୍ ଯୋଗେ ଜଣାଇଥିଲେ। ଅପର ପକ୍ଷରେ ଘଟଣାକୁ ଚପାଇ ଦେବାକୁ ପ୍ରଶିକ୍ଷଣ କେନ୍ଦ୍ରର କର୍ତ୍ତୃପକ୍ଷ ସମ୍ପୃକ୍ତ ଛାତ୍ରୀଙ୍କୁ ବୁଝାଇବା ପାଇଁ ବାଧ କରୁଥିବା ବେଳେ ଛାତ୍ରୀ ଜଣକ କିନ୍ତୁ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରିଣୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଥମବର୍ଷର ଛାତ୍ରୀ ସମ୍ବଲପୁର ଜିଲ୍ଲା ଭୋଜପୁର ଅଞ୍ଚଳର କଳ୍ପନା କିସାନଙ୍କ ଅଭିଯୋଗ ଅନୁସାରେ ତାଲିମ କେନ୍ଦ୍ରରେ ନାମ ଲେଖାଇବା ପରଠାରୁ ପ୍ରାୟ ୩ ମାସ ହେଲା ବରିଷ୍ଠ ଛାତ୍ରୀମାନେ ତାଙ୍କୁ ନିର୍ଯ୍ୟାତନା ଦେଇ ଆସୁଛନ୍ତି। କେତେକ ବରିଷ୍ଠ ଛାତ୍ରୀ ବିଭିନ୍ନ ସମୟରେ ବୈଠକ କରି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରନ୍ତି। ନିର୍ଯ୍ୟାତନା ବିଷୟରେ ଅଭିଭାବକ କିମ୍ବା ତାଲିମ କେନ୍ଦ୍ରର ଅଧକ୍ଷାଙ୍କୁ ନ ଜଣାଇବାକୁ ଧମକ ଦିଅନ୍ତି।

ସେହିପରି ମଞ୍ଚେଶ୍ୱର ଥାନା ଅଧୀନ ଏକ ଘରୋଇ ଡ଼ାକ୍ତରୀ ମହାବିଦ୍ୟାଳୟର ଦୁଇଜଣ ପ୍ରସୂତୀ ବିଭାଗର ପିଜି ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପ୍ରଧାପକଙ୍କ ମାତ୍ରାଧିକ ନିର୍ଯ୍ୟାତନା ସହି ନ ପାରିବାରୁ ସେମାନେ ଏପରି ପଦକ୍ଷେପ ନେଇଥିବା ଏକ ଚିଠିରେ ଉଲ୍ଲେଖ କରିଥିଲେ। ରାଜଧାନୀରେ ର୍ୟାଗିଂକୁ ନେଇ ଜଣେ ଯୁକ୍ତ ତିନି ଛାତ୍ରୀ ଓ ଅନ୍ୟ ଜଣେ ଏମ୍‌ସିଏ ଛାତ୍ରୀ ଆତ୍ମହତ୍ୟା କରିବା ଘଟଣା ଚର୍ଚ୍ଚାରେ ରହିଥିବା ବେଳେ ଦୁଇ ଡ଼ାକ୍ତରୀ ପିଜି ଛାତ୍ରୀ ଏଭଳି ପଦକ୍ଷେପ ନେବା ଅତ୍ୟନ୍ତ ପରିତାପର ବିଷୟ। ଜଣେ ଛାତ୍ରୀଙ୍କ ଘର କଟକ ହୋଇଥିବା ବେଳେ ଅନ୍ୟ ଜଣଙ୍କ ଘର ଯାଜପୁରରେ। ସେମାନେ ପ୍ରସୂତୀ ବିଭାଗର ଶେଷ ବର୍ଷର ପିଜି ଛାତ୍ରୀ। ବିଭାଗର ଜଣେ ପ୍ରଧାପକ ପାଠପଢାକୁ ନେଇ ସେମାନଙ୍କୁ ମାନସିକସ୍ତରରେ ନିର୍ଯ୍ୟାତନା ଦେଉଥିଲେ। ପ୍ରଧାପକଙ୍କ ମାନସିକ ନିର୍ଯ୍ୟାତନା ଅସହ୍ୟ ହେବାରୁ ଏପିର ପଦକ୍ଷେପ ନେଇଥିଲେ ବୋଲି ପୁଲିସ୍ ତଦନ୍ତ ବେଳେ ଜାଣିବାକୁ ପାଇଥିଲେ।

ୟୁଜିସି ତଥ୍ୟ ଅନୁସାରେ ୨୦୧୧ରୁ ୨୦୨୧ ମଧରେ ଦେଶରେ ୬୭୯୦ଟି ର୍ୟାଗିଂ ଅଭିଯୋଗ ପଞ୍ଜିକୃତ ହୋଇଛି । ୨୦୧୧-୨୦୧୬ ମସିହା ପର୍ଯ୍ୟନ୍ତ ର୍ୟାଗିଂ ଅଭିଯୋଗ କମ୍ ଥିଲା। ହେଲେ ୨୦୧୭ରେ ର୍ୟାଗିଂ ଅଭିଯୋଗ ବୃଦ୍ଧି ପାଇ୯୦୧ରେ ପହଞ୍ଚିଥିଲା ବେଳେ ୨୦୧୮ରେ ଏହା ୧୦୦୦ ଅତିକ୍ରମ କରିଥିଲା। ୨୦୧୮ ଅପେକ୍ଷା ୨୦୧୯ରେ ଅଧିକ ସଂଖ୍ୟକ ଅଭିଯୋଗ ଲୋକଲୋଚନକୁ ଆସିଥିଲା ଯାହା ୧୦୭୦କୁ ଅତିକ୍ରମ କରିଥିଲା। ୨୦୨୦ରେ କରୋନା ସଂକ୍ରମଣ ଯୋଗୁ ପାଠପଢାରେ ବ୍ୟାଘାତ ଜନିତ କାରଣରୁ ର୍ୟାଗିଂ ଏକ ପ୍ରକାର ବନ୍ଦ ଥିଲା। କାରଣ ୨୦୨୦ରେ ମାତ୍ର ୨୧୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ୨୦୨୧ରେ ମଧ କରୋନାର ଦ୍ୱିତୀୟ ଲହର ଯୋଗୁ ଏହା ହ୍ରାସ ପାଇଥିଲା। ପ୍ରକାଶଥାଉ କି, ୨୦୧୯ରୁ ୨୦୨୧ ମଧରେ ୫୭୯ଟି ଅଭିଯୋଗ ହୋଇଛି। ଏହି ସମୟ ମଧରେ ଉତ୍ତର ପ୍ରଦେଶରେ ୧୩୦୦, ପଶ୍ଚିମବଙ୍ଗରେ ୮୪୧, ମଧ୍ୟପ୍ରଦେଶରେ ୭୮୮, ମହାରାଷ୍ଟ୍ରରେ ୪୦୨, ତାମିଲନାଡୁରେ ୩୯୮, ରାଜସ୍ଥାନରେ ୩୫୪, କେରଳରେ ୩୫୦ ଓ କର୍ଣ୍ଣାଟକରେ ୩୦୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା।

ଓଡ଼ିଆରେ ଗୋଟେ ଢଗ ଅଛି ଘ୍ରେର ଗଲା ପରେ ବୁଦ୍ଧି ଦିଶଇ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




## ମଣିଷାସୁର

**ପ୍ରଦୀପ୍ତ କୁମାର ଦାସ**

ଏବେ ଅଧିକାଂଶ ଘରେ
ପିତା, ପତି,ଭ୍ରାତା ଆଉ ପୁତ୍ର ରୂପେ
କିଳିକିଳା ରବ କରେ ମହିଷାସୁର -
ଶୁଭେ ଖାଲି ମାତା, ପତ୍ନୀ,
ଭଗ୍ନୀ, କନ୍ୟା ରୂପକ
ନିର୍ଯ୍ୟାତିତା ଦୁର୍ଗାଙ୍କର ବିକଳ ଚିତ୍କାର,
ସେ ପଦ ଆଉ ମଦ
ବଳରେ ବଳୀୟାନ
ସେ ଦୁରାଚାରୀ ଅତ୍ୟାଚାରୀ
ହିଂସ୍ର ସଇତାନ୍ -
କଳା ମଚ୍ ମଚ୍ ବିକଟାଳ
ମହିଷ ପରି ତାର ଦେହ
ସେ ଦେହରେ ଢ଼େଉ ଭାଙ୍ଗେ
ତାମସିକ ମଦ ମାଂସର ପ୍ରବାହ,
ସେ ପୁଅ ପାଖରୁ ଛଡ଼ାଇ ନିଏ ମାଆକୁ
ସ୍ତ୍ରୀର ସିମନ୍ତରୁ ଲିଭାଇ ଦିଏ ସିନ୍ଦୂର
ତା ପାଇଁ କିଏ ସାଜେ ପାଗିଳୀ
କିଏ ପୁଣି ବେଶ୍ୟା...
ବନିଯାଇ କାମନା
ବାସନାର ମହାସାଗର
ନିଜ ଭିତରେ ବନ୍ଦୀ କରି ରଖେ ସିଏ
ଲୁହର ନଈ ମାନଙ୍କୁ,
ଶକ୍ତିମୟୀ ଦୁର୍ଗାମାନେ ନିରସ୍ତ୍ର,
ବିବସ୍ତ୍ର, କାକୁସ୍ଥ ହୋଇ
ଯୋଡ଼ହସ୍ତେ ଏଠି ଥରହର...
ପ୍ରତି ପ୍ରହରରେ ଅନୁଭବି ହୁଏ
ମହିଷାସୁରର ନିର୍ଘାତ ପ୍ରହାର
ଆଉ ବିଷାକ୍ତ ଫୁତ୍କାର...
ବାସ୍ତବରେ ସେ ଆଉ କେହି ନୁହେଁ... ?
ମହିଷାସୁର ଠାରୁ ବଳୀୟାନ ମଣିଷାସୁର
ହଁ ହଁ ମଣିଷାସୁର।

+କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର,
ଯାଜପୁର, ଓଡ଼ିଶା
ପିନ୍ -୭୫୫୦୧୩
ମୋ -୮୫୯୪୮୮୫୮୯୮

## ସିନ୍ଧୁସୁତା

**ଜଗଦୀଶ ସାହୁ**

ଆକାଶେ ପୁନେଇଁ ଶଶୀ
ମାଆ ଆସେ ଗଜ ପିଠିରେ ବସି
ଘରେ ଘରେ ହସ ଖୁସି !
ମଣ୍ଡପ ସଜେଇ ହୋଇ
ମାଆ ବାଟ ଚାହିଁ ଅଛି ଅନେଇ
କୋଳରେ ଧରିବା ପାଇଁ !
ପୂଜା କରିଲେ ନିଷ୍ଠାରେ
ବିଷ୍ଣୁପାଟରାଣୀ ପଦ୍ମ ପୟରେ
ଅଭାବ ନରହେ ଘରେ !
ଦୟାକଲେ କମଳିନୀ
ରଙ୍କ ହୋଇପାରେ ବିରାଟ ଧନୀ
ସଂସାରେ ବୋଲାଇ ମାନୀ !
କୋପକଲେ ସିନ୍ଧୁସୁତା
ରାଜାକୁ ନମିଳେ ଫଟା କୁରୁତା
ପାଦ ପାଇଁ ହଳେ ଜୋତା !
ମହାଲକ୍ଷ୍ମୀ ହେଲେ ତୋଷ
ଚାଳିଆ ପାଲଟେ ରାଜଉଆସ
ସବୁବେଳେ ପୁଷମାସ !
ଜଗନ୍ନାଥ ପ୍ରାଣପ୍ରିୟା
ଜଗତ ଜନଙ୍କୁ କରିବେ ଦୟା
ଦୁରେଇ କଳିର ମାୟା !


+ସଞ୍ଚପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬


## ଶରତ ଶୋଭା

**ଧ୍ରୁବ ଚରଣ ବେହେରା**

ଶ୍ୟାମଳିନୀ ଧରା ହସେ ଖିଲି ଖିଲି
ସବୁଜିମା ନାଇ ଅଙ୍ଗେ
ଦୂର ଦିଗ୍ ବଳୟ ଲେଖୁଛି କାହାଣୀ
ପ୍ରୀତି ଭରା ପ୍ରେମ ରଙ୍ଗେ ।
ବାଦଲ ଗାଉଛି ଶୋଭାର ସଂଗୀତ
ଧବଳ ଉପମା ବାଢି
ଅଦିନ ବରଷା ଦିଏ ଶୀତଳତା
ଖୋଲିଛି ସେନହ ପେଡି ।
ଶରତ ସକାଳ ଧରଣୀ କୋଳରେ
ଆସେ ପ୍ରେମେ ଝୁଲି ଝୁଲି
ଫେରିଛି ଭୋଦୁଅ ସମୟ ସୁଅରେ
ଅଶିଣ ସାଜେ ଚଗଲି ।
କାଶତଣ୍ଡୀ ନାଚେ ନବରଙ୍ଗୀ ନାଚ
ବିଲହୁଡା ପରେ ଥାଇ
ସମିର ପରଶେ ନେଇ ପ୍ରୀତି ଛୁଆଁ
ପୁଣ୍ୟ ପାର୍ବଣକୁ ଚାହିଁ ।
ମାତା ଆଗମନୀ ବିଜୟା ଜନନୀ
ଆସିଛନ୍ତି ଧରା ପରେ
ପଆବାହନୀ ପାଇଁ ବାଜୁଛି ମାଦଳ
ଜନ ମନ ମୋହି ଧିରେ ।
ହରିନେବେ ଦୁଃଖ ଶୋକ ଓ କଳୁଶ
ଆଶିଷ କରୁଣା ଢାଳି
ପରିଶିବେ ସ୍ନେହ ଅମୃତର ଧାରା
ଘେନିବେ ନୈବେଦ୍ୟ ଅଳି ।
ଜୀବନ ଲାଗିବ ସରଗ ସୁନ୍ଦର
ପାର୍ବଣ ସ୍ରୋତର ଧାରେ
ମାଆର ମମତା ସନ୍ତାନର ଲାଗି
ସତ୍ୟ ଦୟା କ୍ଷମା ତୀରେ ।
ଶରତର ଶୋଭା ଲାଗେ ମନ ଲୋଭା
ପ୍ରକୃତିର ପଣତରେ
ନିଶୀଥରେ ଯେବେ ଜହ୍ନ ହସି ଦିଏ
କଇଁ ହସେ ସରୋବରେ ।

+କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ ।
ଅଠରବାଟିଆ,ବାଲୁଗାଁ , ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪





## ଉଦାହରଣ ନ ଦେଇ ଉଦାହରଣ ହୁଅ

**ଦୀନବନ୍ଧୁ ପୋଇ**

କଥା କୁହାଳିଆ ଉଦାହରଣ ଦିଆ
ବହୁ ଉପଦେଶ କହେ
ନିଜକୁ କେ ଯଦି କରିବାକୁ କହେ
ତା'ଠୁ ଦୂରେଇ ରହେ ?
ମିଛ କୁହ ନାହିଁ ପାପ ହେବ ତହିଁ
ସତସଙ୍ଗେ ସିଏ କହେ
ଫୋନ ଆସିଲେ କିଏ ବା ଡାକିଲେ
ଡାହା ମିଛ କହେ ଆହେ କ୍ଷ କ୍ଷ
ପିତା ମାତା ଆମ ଜୀବନ୍ତ ଦେବତା
କଲମରେ ସିଏ ଲେଖେ
ମନ୍ଦିରକୁ ଯାଏ ନଡ଼ିଆ ବାଡ଼ାଏ
କେଉଁଠୁ ଏ କଥା ଶିଖେ ?
ନର, ନାରାୟଣ କଥା କଥା କରେ
କହେ ଦରକାର ବେଳେ
ଅସବର୍ଣ୍ଣ ଭାବି ହାତକୁ ନ ଦେଇ
ଦାନ ଥୋଇ ଦିଏ ତଳେ ?
ଅନ୍ୟର ଦୋଷକୁ ବାଛୁଥାଏ ସଦା
ନିଜ ଦୋଷ ଦିଶେ ନାହିଁ
ସ୍ୱଜାତିକୁ ସଦା ପ୍ରଶଂସିତ କରେ
ଘୃଣା କରେ ଅନ୍ୟ ପାଇଁ ?
କହିପାରେ ଯିଏ ମୋହିପାରେ ସିଏ
ଲୁଚିଯାଏ ତାର ତ୍ରୁଟି
ନ କହି ଜାଣିଲେ ଯେତେ
ବେଶ ହେଲେ
ଅସୁନ୍ଦର ଦିଶେ କଟି ?
ନ କହି ନୀତିକୁ ପାଳ ହେ ନୀତିକୁ
ଉଦାହରଣ ନିଜେ ହୁଅ
ପାଳି ଦେଖାଇଲେ ସମସ୍ତେ ଶିଖିବେ
ଛୁଟିବ ପ୍ରଶଂସା ସୁଅ ?

+ଗୋରଡ଼ା ପାଳ, ଢେଙ୍କାନାଳ

# ବ୍ୟାସନଗର ବିକାଶ ଦିଗହରା : ଖର୍ଚ୍ଚ ହୋଇପାରୁନି ବିଧାୟକ ଓ ସାଂସଦ ପାଣ୍ଠି

ଯାଜପୁର/ବ୍ୟାସନଗର ,୬/୧୦ (ନି.ପ୍ର): ବ୍ୟାସନଗର ପୌରାଞ୍ଚଳର ବିକାଶ ଦିଗହରା। କୋଟିକୋଟି ଟଙ୍କା ଅନୁଦାନ ବ୍ୟୟ ନକରି ପକାଇ ରଖାଯାଇଛି। ସହରବାସୀ ଅତ୍ୟାବଶ୍ୟକ ସେବାରୁ ବଞ୍ଚିତ। ସମ୍ବାଦର ଅନୁସନ୍ଧାନ ଟିମ୍ ହାତରେ ଲାଗିଛି ସରକାରୀ ତଥ୍ୟର ଗୁମର କଥା। ବିଧାୟକ ଓ ସାଂସଦଙ୍କ ପାଣ୍ଠି ମଧ ବ୍ୟୟ କରିବାରେ ପୌରସଂସ୍ଥା ବିଫଳ। ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ୍ ସେବା, ଡ୍ରେନ, ପରିମଳ ଓ ସୌନ୍ଦର୍ଯ୍ୟୀକରଣରେ ଚରମ ଅବ୍ୟବସ୍ଥା। ଅପରପକ୍ଷରେ ଇସ୍ପାତ ରାଜଧାନୀ କଳିଙ୍ଗନଗରର ଅଧିକାଂଶ ଶିଳ୍ପାନୁଷ୍ଠାନର କର୍ମଚାରୀଙ୍କ ବାସସ୍ଥଳୀ ବ୍ୟାସନଗର ସହର। ସେମାନଙ୍କ ଗାଡ଼ିଘୋଡା ଗହଳି ଯୋଗୁଁ ସହରବାସୀଙ୍କ ଜୀବନଜୀବିକା ପ୍ରଭାବିତ। ଅଥଚ ସେମାନଙ୍କର ମଧ ସହର ବିକାଶ ପ୍ରତି ଆନ୍ତରିକତା ନାହିଁ। ଦୁର୍ବଳ ନେତୃତ୍ୱ ଯୋଗୁଁ ସହର ବିକାଶରେ ଏକପ୍ରକାର ତାଲା ପଡ଼ିଛି।

ସରକାରୀ ତଥ୍ୟ ମୁତାବକ ବ୍ୟାସନଗର ସହରର ବିକାଶ ପାଇଁ ୧୫ଟି ସରକାରୀ ଯୋଜନାରୁ ଆସୁଥିବା ଅନୁଦାନ ମଧ୍ୟରୁ ୫ଟି ଯୋଜନାରୁ ଟଙ୍କାଟିଏ ବ୍ୟୟ କରାଯାଇନାହିଁ। ଏହାବାଦ୍ ୧୦ ଟି ଯୋଜନାରେ ଅନୁଦାନରୁ ଅଧା ଅନୁଦାନ ପଡିରହିଛି। ଏପରିକି ବିଧାୟକ ଓ ସାଂସଦ ପାଣ୍ଠି ବାବଦରେ ମିଳିଥିବା ୨୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇନାହିଁ। ଏଭଳି ଚରମ ଅବ୍ୟବସ୍ଥା ମଧ୍ୟରୁ ଡେଭୋଲୁସନ ଅନୁଦାନ ବାବଦକୁ ଗତ ତିନି ଆର୍ଥିକ ବର୍ଷରେ ୪ କୋଟି ୯୮ ଲକ୍ଷ ୩୩ ହଜାର ଟଙ୍କା ଆସିଥିଲା। ୩ କୋଟି ୨୦ ଲକ୍ଷ ୮୩ ହଜାର ୬୧୭ ଟଙ୍କା ଉନ୍ନୟନ କାର୍ଯ୍ୟରେ ବିନିଯୋଗ ନକରି ପକାଇ ରଖାଯାଇଛି। ୨୦୧୯-୨୦ରେ ୧କୋଟି ୩୩ ଲକ୍ଷ ୧୦ ହଜାର ଟଙ୍କାରୁ ୧୭ ଲକ୍ଷ ୭୯ ହଜାର ୨୫୦ ଟଙ୍କା ବଳକା ପଡ଼ିଛି। ୨୦୨୦-୨୧ରେ ୨ କୋଟି ୪୩ ଲକ୍ଷ ୪୯ ହଜାର ଟଙ୍କାରୁ ୧ କୋଟି ୮୧ ଲକ୍ଷ ୩୦ ହଜାର ୩୬୭ ଟଙ୍କା ଓ ୨୦୨୧-୨୨ରେ ସମୁଦାୟ ୧ କୋଟି



୨୧ ଲକ୍ଷ ୭୪ ହଜାର ଟଙ୍କା ପଡ଼ିରହିଛି। ସେହିପରି ମୋଟରଯାନ ଟିକସ ଅନୁଦାନ ଖର୍ଚ୍ଚ ନହୋଇ ପଡିରହିଛି। ଗତ ୩ ବର୍ଷରେ ୧ କୋଟି ୫୭ ଲକ୍ଷ ୬୯ ହଜାର ଟଙ୍କାର ଅନୁଦାନ ଆସିଥିବା ବେଳେ ୮୯ ଲକ୍ଷ ୬୮ ହଜାର ୪୩୫ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୬୮ ଲକ୍ଷ ଟଙ୍କା ବ୍ୟୟ କରାଯାଇ ନାହିଁ। ୨୦୧୯-୨୦ରେ ୪୭ ଲକ୍ଷ ୩୫ ହଜାର ଟଙ୍କା ଅନୁଦାନ ଆସିଥିବା ବେଳେ ୭ ଲକ୍ଷ ୪୦ ହଜାର ଟଙ୍କା ୫୮୮ ଟଙ୍କା ବଳକା ଅଛି। ୨୦୨୦-୨୧ରେ ୫୩ ଲକ୍ଷ ୫ ହଜାର ଟଙ୍କା ଅନୁଦାନରୁ ୧୦ ଲକ୍ଷ ୩୩ ହଜାର ୧୬୯ ଟଙ୍କା ଖର୍ଚ୍ଚ ହୋଇନାହିଁ। ୨୦୨୧-୨୨ରେ ୫୭ ଲକ୍ଷ ୨୯ ହଜାର ଟଙ୍କା ଅନୁଦାନରୁ ୫୦ ଲକ୍ଷ ୨୬ ହଜାର ୮୦୮ ଟଙ୍କା ବ୍ୟୟ ହୋଇନାହିଁ। ବ୍ୟାସନଗରର ବିକାଶକୁ ତ୍ୱରାନ୍ୱିତ କରିବା ବଦଳରେ ଯେପରି ଅଘୋଷିତ ଶକ୍ତି ଦ୍ୱାରା ଯୋଜନାବଦ୍ଧ ଭାବେ ବିକାଶକୁ ରୋକିବା ପାଇଁ କାର୍ଯ୍ୟକ୍ରମ ଜାରି ରହିଛି। ଯାହାକି ଏହି ତଥ୍ୟକୁ ପ୍ରମାଣିତ ହେଉଛି। ସହର ବିକାଶକୁ ଦିଗହରା କରୁଥିବା ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ପ୍ରତି ଦିନକୁ ଦିନ ସହରବାସୀଙ୍କ ମଧ୍ୟରେ ଲାଗି ରହିଥିବା ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସହରବାସୀଙ୍କୁ ବର୍ଷ ବର୍ଷ ଧରି ବିକାଶର ସ୍ୱପ୍ନ ଦେଖାଉଥିବା ଦୁର୍ବଳ ନେତୃତ୍ୱ ଏବେ କାଠଗଡାରେ।

# ଜିଲ୍ଲାକୁ ୩୦ ବର୍ଷ ପୂରିବାକୁ ଯାଉଛି, ଅସ୍ମିତା ବଖାଣିବ 'ଅଗ୍ରସର ଅନୁଗୁଳ'

ଅନୁଗୁଳ,୬/୧୦ (ନି.ପ୍ର): ଜିଲ୍ଲାକୁ ୩୦ ବର୍ଷ ପୂରିବାକୁ ଯାଉଛି। ଆଉ ଏହାକୁ ଏକ ଭିନ୍ନ ଢଙ୍ଗରେ ପାଳନ କରିବାକୁ ନିଷ୍ପତ୍ତି ନେଇଛି ଜିଲ୍ଲା ପ୍ରଶାସନ। ୩୦ ବର୍ଷ ପୂର୍ତ୍ତିକୁ ଅଧିକ ସ୍ମରଣୀୟ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି। ଅକ୍ଟୋବର ଶେ ?ଷ ସପ୍ତାହରୁ ଏପ୍ରିଲ ପହିଲା ପର୍ଯ୍ୟନ୍ତ ଜିଲ୍ଲା ସାରା ସାମାଜିକ, ସାଂସ୍କୃତିକ, ସାହିତ୍ୟ ଓ କ୍ରୀଡ଼ାଭିତ୍ତିକ କାର୍ଯ୍ୟକ୍ରମ କରାଯିବ। ଏହାସହିତ କିଛି ନୂତନ ପ୍ରକଳ୍ପ ଏହି ସମୟ ଭିତରେ ଆରମ୍ଭ ହେବ। ଜିଲ୍ଲାର ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ଏହି ଉତ୍ସବ ପାଳିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲାବେଳେ ଖୁବଶୀଘ୍ର ଏହାର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହେବ। ଆଜି ଏହାର ଲୋ ?ଗୋ ସାମାଜିକ ଗଣମାଧମରେ ଉନ୍ମୋଚନ କରାଯାଇଛି। ୧୯୯୩ ମସିହା ଏପ୍ରିଲ ପହିଲାରେ ଅନୁଗୁଳ ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଥିଲା। ଢେଙ୍କାନାଳରୁ ଭାଗ ହେବା ପରେ ଅନୁଗୁଳ, ତାଳଚେର, ଆଠମଲ୍ଲିକ ଓ ପାଲଲହଡ଼ା ଉପଖଣ୍ଡକୁ ନେଇ ଏହି ଜିଲ୍ଲା ତିଆରି ହୋଇଥିଲା। ଏ ଭିତରେ ବହୁ ବାଟ ଆଗେଇ ଯାଇ ୩୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି ଅନୁଗୁଳ ଜିଲ୍ଲା। ତେଣୁ ଏହାକୁ ସ୍ମରଣୀୟ କରିବାକୁ ଜିଲ୍ଲା ପ୍ରଶାସନ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ସୂଚନା ଅନୁସାରେ, ଲକ୍ଷ୍ମୀପୂଜା ପରେ ପରେ ଏହି ସବୁ କାର୍ଯ୍ୟକ୍ରମ ଆରମ୍ଭ ହେବ। ଅକ୍ଟୋବରରୁ ମାର୍ଚ୍ଚ ଭିତରେ ଜିଲ୍ଲାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସାହିତ୍ୟ ଉତ୍ସବ, କ୍ରୀଡ଼ା ମହୋତ୍ସବ, ଯୁବ ଉତ୍ସବ, ସାଇକଲ୍ ଶୋଭାଯାତ୍ରା, ବୁଦ୍ଧିଜୀବୀ ସମ୍ମିଳନୀ ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଚାଲିବ। ସହରରେ ରାହଗିରି ମଧ ଆୟୋଜନ କରାଯିବ। କେବଳ ଅନୁଗୁଳ ସହରରେ ନୁହେଁ, ଜିଲ୍ଲାର ବିଭିନ୍ନ ଭାଗରେ ଏହି କାର୍ଯ୍ୟକ୍ରମ ସବୁ ଚାଲିବ। ଲୋକମାନେ ଯେମିତି ଏହି ଉତ୍ସବରେ ସାମିଲ ହେବେ ସେଥିନେଇ ବ୍ୟବସ୍ଥା କରାଯାଉଛି। ଏହା ସହିତ ଏହି ସମୟ ଭିତରେ ଅନୁଗୁଳ ମହୋତ୍ସବ ମଧ ଆୟୋଜନ କରିବାକୁ ଯୋଜନା ହୋଇଛି। କେବଳ ଉତ୍ସବ ଓ ନାଚଗୀତ ନୁହେଁ, ଗତ ୩୦ ବର୍ଷର ଯାତ୍ରା ଓ ଜିଲ୍ଲାର ଇତିହାସ ନେଇ ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତ କରାଯିବ। ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରି ଜିଲ୍ଲ ସଂପର୍କରେ ନୂଆ ପିଢ଼ିକୁ ଧାରଣା ଦେବାକୁ ବି ଯୋଜନା କରାଯାଇଛି। ଅନୁଗୁଳ ସଂପର୍କରେ ରାଜ୍ୟବାସୀଙ୍କୁ ଏକ ସ୍ଥୂଳ ଧାରଣା ଦେବା ପାଇଁ ପ୍ରୟାସ କରାଯିବ। ଜିଲ୍ଲାରେ କଳା ପ୍ରତିଯୋଗିତା ଓ ଫଟୋଗ୍ରାଫି ପ୍ରତିଯୋଗିତା କରାଯାଇ ନୂତନ ପ୍ରତିଭାକୁ ପ୍ରୋତ୍ସାହିତ କରାଯିବ। ଏହି ସମୟ ଭିତରେ ସରକାରୀ କାମକୁ ମଧ ସ୍ୱୀକୃତି ଦେବାକୁ ଯୋଜନା ହୋଇଛି। ଏଥିପାଇଁ ବିଭିନ୍ନ ବିଭାଗକୁ କାମ ନେଇ ଟାର୍ଗେଟ୍ ଦିଆଯାଇଛି। ଏହି ଭିତରେ ଜିଲ୍ଲାର ସବୁ ବିଭାଗଠାରୁ କାମ ଆଦାୟ କରି ସେମାନଙ୍କୁ ପୁରସ୍କୃତ କରାଯିବ। କିଛି ନୂଆ ପ୍ରକଳ୍ପ ହାତକୁ ନିଆଯାଇଥିଲାବେଳେ ବକେୟା ପ୍ରକଳ୍ପ ସବୁ ଶେଷ କରାଯିବ ବୋଲି ଜଣାପଡ଼ିଛି। ଏଥିସହିତ କିଛି ଯୁବକ ଏହି ଅବସରରେ ଏକ ବାଇକ୍ ଟୁର ସାରା ରାଜ୍ୟ ପରିକ୍ରମା କରି ଅନୁଗୁଳର ଗୌରବ ବାଣ୍ଟିବେ। ଏଥିନେଇ ଅନୁଗୁଳ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି ଯେ ଜିଲ୍ଲାକୁ ୩୦ ବର୍ଷ ପୂରୁଥିବାରୁ ଏହାକୁ ଆନନ୍ଦ ଓ ଉତ୍ସାହର ସହ ପାଳନ କରିବାକୁ ଯୋଜନା କରାଯାଇଛି। ଅନୁଗୁଳବାସୀ ଭାବେ ଲୋକମାନେ ଯେମିତି ଗର୍ବ କରିବେ ସେ ଦିଗରେ ପଦକ୍ଷେପ ନିଆଯାଉଛି।

# ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ପାଇଁ ଚିନ୍ତାରେ ଦୁର୍ଗମ ଅଞ୍ଚଳର ଗାଡ଼ି ଚାଳକ

ମାଲକାନଗିରି ,୬/୧୦ (ନି.ପ୍ର): ରାଜ୍ୟ ସରକାର ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଗାଡ଼ିରେ ଲଗାଇବା ପାଇଁ ବାଧତାମୂଳକ କରିଛନ୍ତି। ଏଥିପାଇଁ ପୂର୍ବରୁ ସମୟ ସୀମା ମଧ ଧାର୍ଯ୍ୟ କରିଥିଲେ। ତେବେ ରାଜ୍ୟରେ ପ୍ଲେଟ୍ ଯୋଗାଇ ଦେବାକୁ ଭିତ୍ତିଭୂମି ନଥିବାରୁ ଏହି ଅବଧିକୁ ପୁଣି ମାସକ ପାଇଁ ସରକାର ବଢ଼ାଇ ଦେଇଛନ୍ତି। ଏକ ମାସର ମହଲତ ମିଳିଥିଲେ ସୁଦ୍ଧା ମାଲକାନଗିରି ଜିଲ୍ଲାର ଗାଡ଼ି ଚାଳକଙ୍କ ଚିନ୍ତା କମୁନି। ଟେଲି ଯୋଗାଯୋଗ ଏବଂ ଇଣ୍ଟରନେଟ୍ ବ୍ୟବହାର କ୍ଷେତ୍ରରେ ବହୁ ପଛରେ ରହିଛି ମାଲକାନଗିରି ଜିଲ୍ଲା। ଏପରିକି ଅନେକ ଗାଁକୁ ଏବେ ମଧ ଯାତାୟାତ ପାଇଁ ପକ୍କା ରାସ୍ତା ନାହିଁ। ଏମିତି ସ୍ଥିତିରେ ମାଲକାନଗିରି ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ରହୁଥିବା ଗାଡ଼ି ଚାଳକ କେମିତି ପ୍ଲେଟ୍ ପାଇଁ ଆବେଦନ କରିବେ ବୋଲି ପ୍ରଶ୍ନ ଉଠିଛି। ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ଡାକଘର କିମ୍ବା କିୟୋସ୍କ ବ୍ୟାଙ୍କ ପରି ଜନସେବା କେନ୍ଦ୍ରରେ ଆବେଦନ କରାଯାଇ ପାରିବ। କିନ୍ତୁ ମାଲକାନଗିରି ଜିଲ୍ଲାର ଅନେକ ଅଞ୍ଚଳରେ ଜନସେବା କେନ୍ଦ୍ର ନାହିଁ। ସେହିପରି ମୋବାଇଲ ନେଟୱର୍କ ଅବସ୍ଥା ସମସ୍ତେ ଭଲ ଭାବେ ଅବଗତ। ଦିନ ଦିନ ଧରି ନେଟୱର୍କ ରହୁନଥିବା ବେଳେ କିଛି ଅଞ୍ଚଳରେ ଏବେ ବି ଆନ୍ଧ୍ର କିମ୍ବା ଛତିଶଗଡ଼ର ମୋବାଇଲ ନେଟୱର୍କ ଉପରେ ଲୋକେ ନିର୍ଭର କରୁଛନ୍ତି। ପୁଣି ପ୍ରତି ଗାଁ କିମ୍ବା ପ୍ରତି ପଞ୍ଚାୟତରେ ଜନସେବା କେନ୍ଦ୍ର କିମ୍ବା ଡାକଘର ନାହିଁ। ମାଇଲ ମାଇଲ ଦୂର ଗଲେ ସେମାନେ ଜନସେବା କେନ୍ଦ୍ର କିମ୍ବା ଡାକଘର ସେବା ପାଇବେ। ଏହାବ୍ୟତୀତ କୌଣସି କାରଣରୁ ଜନସେବା କେନ୍ଦ୍ରରେ ନେଟୱର୍କ କଟିଗଲେ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ସରକାର ଦୁର୍ଗମ ଅଞ୍ଚଳର ଲୋକଙ୍କ ପାଇଁ କୌଣସି ସୁବିଧା ନ କରି ଅସୁବିଧାରେ ପକାଇଛନ୍ତି ବୋଲି ବୁଦ୍ଧିଜୀବୀ କହିଛନ୍ତି। ସେହିପରି ମାଲକାନଗିରି ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ହୋଇଥିବାରୁ ଏଠାରେ ନିରକ୍ଷରଙ୍କ ସଂଖ୍ୟା ଅଧିକ। ତଥାପି ପ୍ରାୟ ଆଦିବାସୀଙ୍କ ନିକଟରେ ମଟର ସାଇକେଲ ଏବଂ କାର ରହିଛି। ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ସଂପର୍କରେ ବହୁ ଗ୍ରାମାଞ୍ଚଳର ଲୋକ ଆଜି ବି ଜାଣିନାହାନ୍ତି। ପ୍ରଶାସନ ତରଫରୁ ଏନେଇ ସଚେତନ କରାଯିବା ସହ ସେମାନେ କିପରି ସହଜରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ପାଇବେ ସେହି ବ୍ୟବସ୍ଥା କରିବା ଦରକାର ବୋଲି କୁହାଯାଇଛି। ସେହିପରି ପ୍ଲେଟ୍ ପାଇଁ ଆକାଉଣ୍ଟରୁ ଟଙ୍କା କଟୁଥିବାରୁ ଲୋକେ ଏହି ବିଷୟରେ ଅବଗତ ନାହାନ୍ତି।

# ବଣାଇ ଉପଖଣ୍ଡରେ ହାତୀ-ମଣିଷ ଲଢ଼େଇରେ ଯାଉଛି ନିରୀହ ଲୋକଙ୍କ ଜୀବନ

ରାଉରକେଲା/ବଣାଇଗଡ଼ ,୬/୧୦ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲାରେ ବର୍ଷ ତମାମ ଜାରି ରହିଛି ହାତୀ-ମଣିଷ ଲଢ଼େଇ। ହାତୀ ଆକ୍ରମଣରେ ଯାଉଛି ନିରୀହ ଲୋକଙ୍କ ଜୀବନ। ପୁଣି କେତେବେଳେ ମଣିଷଙ୍କ ସଂଘବଦ୍ଧ ଆକ୍ରମଣରେ ହେବା ଅନ୍ୟ କାରଣରୁ ହାତୀଙ୍କ ମୃତ୍ୟୁ ହେଉଛି। ଉଜୁଡିଯାଉଛି ଶହ ଶହ ଏକର ଚାଷୀଙ୍କ ଫସଲ। ଗୃହଶୂନ୍ୟ ହେଉଛନ୍ତି ଶତାଧିକ ଆଦିବାସୀ ପରିବାର। ସୁନ୍ଦରଗଡ଼ ଜିଲ୍ଲାର ବଣାଇ ବନଖଣ୍ଡରେ ଏମିତି ସ୍ଥିତି ଦିନକୁ ଦିନ ଗମ୍ଭୀର ହେଉଛି।

ବଣ ପାହାଡ଼ ଘେରା ବଣାଇ ବନଖଣ୍ଡ ଅଞ୍ଚଳରେ ହାତୀପଲଙ୍କ ଉତ୍ପାତ ଲଗାତାର ଜାରି ରହୁଛି। ଏହା ଭିତରେ ଯାଉଥିବା ଓ ବ୍ୟାପକ ଖଣି ଥିବା କୋଇଡା ରେଞ୍ଜରେ ସ୍ଥିତି ଭାରି ସାଂଘାତିକ। ଏଠାରେ ଜଙ୍ଗଲ ସୃଷ୍ଟି କରିବାକୁ ବନବିଭାଗ ପକ୍ଷରୁ କୋଟି କୋଟି ଟଙ୍କାର ଚାରାରୋପଣ କରାଯାଉଥିବା କାଗଜପତ୍ରରେ ଦର୍ଶାଯାଉଛି। ଖଣି ଅଞ୍ଚଳରେ ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ହିସାବ ଅନୁସାରେ ଚାରା ରୋପଣ ତ ହେଉନାହିଁ, ପୁଣି ଖଣି ଓ ଶିଳ୍ପ ମାଲିକମାନଙ୍କର ଅବାଧ ଗଛକଟା ଓ ବେଆଇନ ଖଣି ଖନନ ମଧ ଚାଲିଛି। ଯାହାକୁ ରୋକିବାଲାଗି ବନ ବିଭାଗ ବା ଖଣି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ଯାଉନାହିଁ। ଜଙ୍ଗଲ ଓ ଜଙ୍ଗଲ ଭୂଇଁ କମିବାରୁ ହାତୀଙ୍କ ରହିବାସ୍ଥଳ ନଷ୍ଟ ହେଉଛି। ସେମାନଙ୍କ ଚଲାପଥରେ ମଧ ପ୍ରତିବନ୍ଧକ ସୃଷ୍ଟି କରାଯାଉଛି। ଆବଶ୍ୟକ ଖାଦ୍ୟ, ପାଣି ମିଳୁ ନଥିବାରୁ ହାତୀପଲ ସର୍ବଦା ବସ୍ତିମୁହାଁ ହେଉଛନ୍ତି। ବନବିଭାଗ ପକ୍ଷରୁ ଯେତେ ଘଉଡାଇବାକୁ ଯେତେ ପ୍ରୟାସ କରାଯାଉଥିଲେ ହେଁ ତାହା ବିଫଳ ହେଉଛି। କେବଳ ବଣାଇ ବନଖଣ୍ଡରେ ହାତୀପଲଙ୍କ ଉତ୍ପାତରୁ ଗତ ୫ ବର୍ଷ ମଧ୍ୟରେ ୨୦୫ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଅର୍ଥାତ୍ ୨୦୫ ପରିବାର ଗୃହଶୂନ୍ୟ ହୋଇଛନ୍ତି। ଆହୁରି ୨୮୪ ଘର ୫୦%ରୁ କ୍ଷତିଗ୍ରସ୍ତ ହୋଇଛି। ୨୦୧୮-୧୯ରେ ୧୩, ୨୦୧୯-୨୦ରେ ୪୬, ୨୦୨୦-୨୧ରେ ୩୩, ୨୦୨୧-୨୨ରେ ୭୨ ଓ ୨୦୨୨-୨୩ରେ ୪୧ ପରିବାର ଘର ହାତୀପଲଙ୍କ ଆକ୍ରମଣରେ ମାଟିରେ ମିଶିଯାଇଛନ୍ତି। ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଓ ୫୦% ଘର ଭାଙ୍ଗିଥିବା ପରିବାରକୁ ବନ ବିଭାଗ ପକ୍ଷରୁ ମୋଟ ୨୬ ଲକ୍ଷ ୧୮ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଯାହା କ୍ଷତିଗ୍ରସ୍ତ ପରିବାରଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ପରି। ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଥିବା ୨୦୫ ପରିବାର ମଧ୍ୟରୁ କିଛି ସମ୍ପର୍କୀୟଙ୍କ ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ଆଉ କିଛି ପରିବାର ହାତୀପଲଙ୍କ ଭୟରେ ଗାଁ ଛାଡି ଅନ୍ୟତ୍ର ଚାଲିଯାଇଛନ୍ତି। ସେମିତି ଗତ ୫ ବର୍ଷ ମଧ୍ୟରେ ହାତୀପଲ ୧୨୭୭ ଏକର ଧାନ ଓ ପନିପରିବାକୁ ଦଳି ଚକଟି ନଷ୍ଟ କରିଛନ୍ତି। ଫଳରେ ଝାଳବୁହା ପରିଶ୍ରମ କରି ଦି' ପଇସା ରୋଜଗାର କରିବାକୁ ଆଶା ରଖିଥିବା ଚାଷୀଙ୍କ ସ୍ୱପ୍ନ ଧୂଳିସାତ ହୋଇଯାଉଛି। ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଉଛି। ୨୦୧୮-୧୯ରେ ୨୫୮.୭୯ ଏକର ଫସଲ ନଷ୍ଟ କରିଥିବାବେଳେ ୨୦୧୯-୨୦ରେ ୩୦୧.୯୯ ଏକର, ୨୦୨୦-୨୧ରେ ୧୭୨.୮୦ ଏକର, ୨୦୨୧-୨୨ରେ ୪୬୭.୯୯ ଏକର, ୨୦୨୨-୨୩ରେ ୭୬.୨୫ ଏକର ଚାଷ ଜମି ନଷ୍ଟ କରିଛନ୍ତି। ପନିପରିବା ଫସଲ



ଓ ଧାନ କ୍ଷେତକୁ ବଞ୍ଚାଇବାକୁ ଯାଇ ହେଉ ଅବା ଗାଁକୁ ପଶି ଆସୁଥିବା ହାତୀପଲକୁ ଘଉଡାଇବାକୁ ଯାଇ ଅନେକ ପୁରୁଷ ଓ ମହିଳାଙ୍କ ଜୀବନ ଯାଇଛି। କିଛି ଲୋକ ହାତ ଗୋଡ ହରାଇ ସବୁଦିନ ପାଇଁ ପଙ୍ଗୁ ହୋଇଯାଇଛନ୍ତି। ଏମିତି ଭାବେ ଗତ ୫ ବର୍ଷ ମଧ୍ୟରେ ବଣାଇ ବନଖଣ୍ଡ ଅଞ୍ଚଳରେ ୧୯ ଜଣଙ୍କ ଜୀବନ ଯାଇଛି। ୬ ଜଣ ଆହତ ଓ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ୨୦୧୮-୧୯ରେ ହାତୀଙ୍କ ଆକ୍ରମଣରେ ୩, ୨୦୧୯-୨୦ରେ ୩, ୨୦୨୧-୨୧ରେ ଜଣେ, ୨୦୨୧-୨୨ରେ ସର୍ବାଧିକ ୯ ଜଣ ଓ ୨୦୨୨-୨୩ରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁବରଣ କରିଥିବା ୧୯ ଜଣ ପରିବାରକୁ କ୍ଷତିପୂରଣ ବାବଦରେ ସରକାର ୭୬ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଅଦ୍ୟାବଧି ୬୮ ଲକ୍ଷ ୮୦ ହଜାର ଟଙ୍କା କ୍ଷତିପୂରଣ ମିଳିଛି। ଅବଶିଷ୍ଟ ୭ ଲକ୍ଷ ୨୦ ହଜାର ଟଙ୍କା ଦିଆଯାଇ ନାହିଁ। ବଣଜଙ୍ଗଲଘେରା କୋଇଡା, ବଣାଇ ସମେତ ଅନ୍ୟାନ୍ୟ ରେଞ୍ଜରେ ହାତୀପଲ ସୁରକ୍ଷା ପାଇଁ କେତେ କ'ଣ ଯୋଜନା ଚାଲିଥିବା କୁହାଯାଉଛି, କିନ୍ତୁ, ବିଭାଗୀୟ ଅଧିକାରୀ ମାନଙ୍କର ନିଷ୍ଠା ନଥିବାରୁ ସବୁ ବିଫଳ ହେଉଛି। ଯାହା ଉପରୋକ୍ତ ତଥ୍ୟରୁ ସ୍ପଷ୍ଟ ପ୍ରମାଣିତ ହୋଇଛି। ବଣାଇ ଉପଖଣ୍ଡକୁ ଛାଡ଼ିଦେଲେ ସୁନ୍ଦରଗଡ଼ ଜିଲ୍ଲାରେ ଆହୁରି ଦୁଇଟି ବନଖଣ୍ଡ ରହିଛି। ହାତୀ ଉତ୍ପାତରେ ପୂରା ଜିଲ୍ଲାର ସ୍ଥିତି ଏଥିରୁ ଅନୁମାନ କରାଯାଇପାରେ!

# ସୌରଶକ୍ତି ଉତ୍ପାଦନ ପାଇଁ ଟାଟା ପାୱାର ଦେବ ପ୍ରୋତ୍ସାହନ

ସମ୍ବଲପୁର ,୬/୧୦ (ନି.ପ୍ର): ଭାରତ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆରମ୍ଭ ହୋଇସାରିଥିବା ଦ୍ୱିତୀୟ ପର୍ଯ୍ୟାୟର ଛାତ ଉପରେ ସୌରଶକ୍ତି (ରୁଫଟପ୍ ସୋଲାର) ଉତ୍ପାଦନ କାର୍ଯ୍ୟକ୍ରମ ସମଗ୍ର ଦେଶରେ ବିଦ୍ୟୁତ୍ ବିତରକ କମ୍ପାନୀମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଛି। ଏହି କ୍ରମରେ ପଶ୍ଚିମ ଓଡିଶାର ବିଦ୍ୟୁତ୍ ବିତରକ କଂପାନି ଟିପିଡବ୍ଲୁଓଡିଏଲ୍ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତି ସହିତ ନିୟୋଜିତ ଯନ୍ତ୍ରୀମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଯୋଗାଇ ଦିଆଯାଇଛି। କଂପାନି ପକ୍ଷରୁ ଉକ୍ତ ଯନ୍ତ୍ରପାତି ସ୍ଥାପନ କରିବା ଏବଂ ତା'ର ଆବଶ୍ୟକ ରକ୍ଷଣାବେକ୍ଷଣ ନିମନ୍ତେ ବୈଷୟିକ ଜ୍ଞାନ ଥିବା ସଂସ୍ଥାମାନଙ୍କ ସହିତଚୁକ୍ତି ସ୍ୱାକ୍ଷର କରିଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ସୌରଶକ୍ତି ଉତ୍ପାଦନ ନିମନ୍ତେ ବାସଗୃହ, ସରକାରୀ/ବ୍ୟବସାୟିକ ସଂସ୍ଥାମାନେ ମଧ ଲଗାଇପାରିବେ। ଟିପିଡବ୍ଲୁଓଡିଏଲ୍ର ମୁଖ୍ୟ ନିର୍ବାହୀ ଅଧିକାରୀ ଇଂ. ଗଜାନନ କାଲେ କହିଛନ୍ତି ଯେ, ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତି ଅନୁଯାୟୀ ଉପଭୋକ୍ତାମାନଙ୍କୁ ରିହାତି ପ୍ରଦାନ କରାଯିବ। ଏହା ଅତିଶୀଘ୍ର କଂପାନିର ୱେବ୍ସାଇଟ୍ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯିବ। ଏହି କାର୍ଯ୍ୟକ୍ରମ ଦ୍ୱାରା ଉପଭୋକ୍ତାମାନେ ଅନେକ ସୁବିଧା ଉପଭୋଗ କରିପାରିବେ ଏବଂ ବହୁତ ମାତ୍ରାରେ ବିଦ୍ୟୁତ୍ ଶକ୍ତି ସଂରକ୍ଷଣ ମଧ କରାଯାଇପାରିବ। ଏହାର ସ୍ଥାପନ ଏବଂ ରକ୍ଷଣାବେକ୍ଷଣ ପ୍ରଣାଳି ଅତିସହଜ ଓ ସରଳ ହୋଇଥିବାରୁ ପଶ୍ଚିମ ଓଡିଶାର ଯେକୌଣସି ଜାଗାରେ ଏହା ସ୍ଥାପନ କରାଯାଇପାରିବ। ଏହି କାର୍ଯ୍ୟକ୍ରମ ଟିପିଡବ୍ଲୁଓଡିଏଲ୍ ଏକା ସାଙ୍ଗରେ ତାର ୫ଟି ଯାକ ମଣ୍ଡଳ ସମ୍ବଲପୁର, ବରଗଡ, ବଲାଙ୍ଗୀର, କଳାହାଣ୍ଡି ଏବଂ ରାଉରକେଲାରେ କାର୍ଯ୍ୟକାରୀ କରାଯାଉଛି ବୋଲି ଇଂ.କାଲେ କହିଛନ୍ତି।

# ଅବ୍ୟବସ୍ଥା ଘେରରେ ନୟାଗଡ଼ ଜିଲ୍ଲାର ଏକମାତ୍ର ବନ ଉନ୍ନୟନ ନିଗମ

ଦଶପଲ୍ଲା ,୬/୧୦ (ନି.ପ୍ର): ଅବ୍ୟବସ୍ଥା ମଧ୍ୟରେ ଜିଲ୍ଲାର ଏକମାତ୍ର ବନ ଉନ୍ନୟନ ନିଗମ। ଖାଲି ଦଶପଲ୍ଲା ବନାଞ୍ଚଳ ନୁହେଁ, ଜିଲ୍ଲାର ସମସ୍ତ ୭ଟି ବନାଞ୍ଚଳ ମଧ୍ୟରୁ ପ୍ରତିବର୍ଷ ଜଙ୍ଗଲଜାତ ଦ୍ରବ୍ୟ ତଥା କାଠ, ପଟାଠାରୁ ଆରମ୍ଭ କରି ରହିଥିବା କାଜୁ ଜଙ୍ଗଲରୁ ସରକାର କୋଟିକୋଟି ଟଙ୍କା ରାଜସ୍ୱ ସଂଗ୍ରହ କରୁଛନ୍ତି। ମାତ୍ର ଏହି ବନଉନ୍ନୟନ ନିଗମରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନଥିବା ହେତୁ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଖାଲି ସେତିକି ନୁହେଁ, ରହିଥିବା ଡିପୋ ମଧ୍ୟରେ ସଞ୍ଜ ନଇଁବା ପରେ ନିଶାଡ଼ିଙ୍କ ଆଡ଼ା ଜମୁଛି। ବିଭିନ୍ନ ସମୟରେ ଡିପୋରୁ ମୂଲ୍ୟବାନ କାଠ ଚୋରି ହେଉଥିବା ବେଳେ ୨ ବର୍ଷ ତଳେ ଲକ୍ଷଲକ୍ଷ ଟଙ୍କା ମୂଲ୍ୟର ଜାଳେଣି କାଠକୁ ଦୁର୍ବୃତ୍ତମାନେ ନିଆଁ ଲଗାଇ ଜାଳି ଦେଇଛନ୍ତି।

ବଡ଼କଥା ହେଉଛି, ନୟାଗଡ଼ ଜିଲ୍ଲା ବନ ବିଭାଗରୁ ଯାହାବି ରାଜସ୍ୱ ଆଦାୟ ହୋଇଥାଏ ସରକାର ଏହି ବନ ଉନ୍ନୟନ ନିଗମ ମାଧମରେ ସଂଗ୍ରହ କରିଥାନ୍ତି। ଦଶପଲ୍ଲା ବନାଞ୍ଚଳଠାରୁ ଆରମ୍ଭ କରି ଗଣିଆ, ମହିପୁର, ଖଣ୍ଡପଡ଼ା, ପଞ୍ଚିରିଡ଼ା, ଓଡ଼ଗାଁ ଏବଂ ନୟାଗଡ଼ ବନାଞ୍ଚଳ ମଧ୍ୟରୁ ବିଭିନ୍ନ ସମୟରେ ଚଢ଼ଉ ହୋଇ ଜବତ ହେଉଥିବା କାଠ, ପଟା, ବାଉଁଶ ଏବଂ ଫର୍ଣ୍ଣିଚର ପ୍ରଭୃତି ସାମଗ୍ରୀ ଏଠାକୁ ଆସିଥାଏ। ଏହା ପରେ ସରକାରଙ୍କ ପକ୍ଷରୁ ଏହାକୁ ନିଲାମ ପ୍ରକ୍ରିୟା ହେଉ କି ନିର୍ଦ୍ଧାରିତ ମୂଲ୍ୟ ଅନୁଯାୟୀ ବିକ୍ରୟ କରାଯାଇଥାଏ। ଯାହାଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନର ବ୍ୟକ୍ତି ଏହାଦ୍ୱାରା ଉପକୃତ ହୋଇଥାନ୍ତି। ଏଠାରୁ କଟକ ଖପୁରିଆସ୍ଥିତ ସ-ମିଲ୍କୁ କାଠ ଯିବା ପରେ ସେଠାରେ ମଧ ସରକାରଙ୍କ ପକ୍ଷରୁ ବିଭିନ୍ନ କାଠପଟା ବିକ୍ରୟ ହୋଇଥାଏ। ଏଥି ସହିତ ବନ ଉନ୍ନୟନ ନିଗମ ଅଧୀନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ୨୬ଟି କାଜୁ ଜଙ୍ଗଲ ରହିଛି। କିଛି କାଜୁ ଜଙ୍ଗଲକୁ ନିଲାମ ଦିଆଯାଉଥିବା ବେଳେ ଆଉ କିଛି ନିଜ ଅଧୀନରେ ରହୁଛି। ଏହାଦ୍ୱାରା ସରକାର ବାର୍ଷିକ କୋଟି କୋଟି ଟଙ୍କା ରାଜସ୍ୱ ପାଉଛନ୍ତି। ଯାହାକି ୨୦୨୦/୨୧ ଆର୍ଥିକ ବର୍ଷରେ ୩ କୋଟି ୫୦ ଲକ୍ଷ ଟଙ୍କା ସରକାର ରାଜସ୍ୱ ପାଇଥିବା ବେଳେ ୨୦୨୧/୨୨ରେ କରୋନା ସତ୍ତ୍ୱେ ୨ କୋଟି ୩୦




ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଛି।


ବିଗତ ବର୍ଷରେ ମଧ ବାର୍ଷିକ ୮ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

ବଡକଥା ହେଉଛି ପାରିପାର୍ଶ୍ୱିକ କାର୍ଯ୍ୟ ଉପରେ ନଜର ପକାଇଲେ କାର୍ଯ୍ୟାଳୟରେ ଯେତିକି ସଂଖ୍ୟକ କର୍ମଚାରୀ ରହିବା କଥା ତାହା ନ ଥିବାରୁ ବିଭିନ୍ନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ୧୦ ଜଣ ଫିଲ୍ଡ ଆସିଷ୍ଟାଣ୍ଟଙ୍କ ସ୍ଥାନରେ ମାତ୍ର ଜଣେ କର୍ମଚାରୀ ରହିଥିବା ବେଳେ ୪ ଜଣ ସୁପରଭାଇଜରଙ୍କ ସ୍ଥାନରେ ଜଣେ ରେଗୁଲାର୍ ଓ ଜଣଙ୍କୁ ରିଏନ୍ଗେଜ୍ମେଣ୍ଟ ଭାବେ ନିଯୁକ୍ତି ମିଳିଛି। ସେହିଭଳି ୧୦ ଜଣ ୱାଚରଙ୍କ ସ୍ଥାନରେ ୩ ଜଣ ରେଗୁଲାର୍ ୱାଚର ରହିଥିବା ବେଳେ ୨ ଜଣ ରିଏନ୍ଗେଜ୍ମେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ଫଳରେ ବିଭିନ୍ନ ବନାଞ୍ଚଳରେ ଜବତ ହୋଇ ରହୁଥିବା କାଠ ଠିକ୍ ସମୟରେ ସଂଗ୍ରହ କରି ଆଣିବା ସମ୍ଭବ ହେଉନଥିବା ବେଳେ ଡିପୋ ମଧ୍ୟରେ ରହୁଥିବା ମୂଲ୍ୟବାନ କାଠ ସୁରକ୍ଷିତ ରହୁନାହିଁ। ଖାଲି ସେତିକି ନୁହେଁ, ପ୍ରତିବର୍ଷ ଦଶପଲ୍ଲାର ଚଢ଼େୟାପଲ୍ଲୀ ୧, ୨, ସେଣ୍ଟ୍ରାଲ ସଂରକ୍ଷିତ ଜଙ୍ଗଲ ୧, ୨ ଏବଂ ନଅସଘର ସମେତ ମହିପୁରର ରତାଦେଇ ଓ ମାଇଛେଳିରୁ ପ୍ରାକୃତିକ ବିପର୍ଯ୍ୟୟରେ ଭାଙ୍ଗି ପଡୁଥିବା କାଠ ଓ ଜାଳେଣି ସାଙ୍ଗକୁ ପରିପକ୍ୱ ହେଉଥିବା କାଠକୁ ସଂଗ୍ରହ କରାଯାଇଥାଏ। କର୍ମଚାରୀ ଅଭାବରୁ ଏସବୁ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବା ଜରୁରୀ ହୋଇପଡ଼ିଛି।

# ବିପଦରେ ପ୍ରାଚୀନ ବୌଦ୍ଧପୀଠ: ଉଦୟଗିରିରୁ ଗ୍ରୀଲ୍ ତାଡ଼ି ନେଇଗଲେ ଦୁର୍ବୃତ୍ତ

ବାଲିକୁଦା ,୬/୧୦ (ନି.ପ୍ର): ବଡ଼ଚଣା ବ୍ଲକର ପ୍ରାଚୀନ ବୌଦ୍ଧପୀଠ ଉଦୟଗିରିରୁ ଗ୍ରିଲ୍ ତାଡ଼ି ନେଇଯାଇଛନ୍ତି ଦୁର୍ବୃତ୍ତ। ୨୧୭ ହେକ୍ଟର ପରିମିତ ବୌଦ୍ଧପୀଠର ପରିସୀମାକୁ ସୁରକ୍ଷା ଦେବା ପାଇଁ ୫/୬ ବର୍ଷ ତଳେ ଏକ ସୁରକ୍ଷା ପାଚେରି ନିର୍ମାଣ କରାଯାଇଥିଲା। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଟିସିଆଇଏଲ ନାମକ ଏକ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ୫ କୋଟି ଟଙ୍କା ବ୍ୟୟ ବରାଦରେ ମାଙ୍କଡ଼ା ପଥରରେ ପାଚେରି ନିର୍ମାଣ ହେବା ସହ ଗ୍ରାନାଇଟର ଆସ୍ତରଣ ଦିଆଯାଇଥିଲା। ଏହା ଉପରେ ଲୁହା ଗ୍ରୀଲ ଲଗାଯାଇଥିଲା। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବା ବେଳେ ଗୋପାଳପୁର ଗ୍ରାମ ପାହାଡ଼ ଉପରେ ପ୍ରାୟ ଏକ କିଲୋମିଟର ନିର୍ମାଣ କାର୍ଯ୍ୟ ଛାଡ଼ି ସଂସ୍ଥା ପାର ହୋଇଯାଇଛି। ଯେତିକି ନିର୍ମାଣ ହୋଇଥିଲା ତାହାକୁ ଦୁର୍ବୃତ୍ତମାନେ ଚୋରି କରିନେଇଗଲେଣି। ପ୍ରଥମେ ଲୁହା ଆଙ୍ଗେଲ ମଧ୍ୟରେ ଲଗାଯାଇଥିବା ଛଡ଼କୁ ନେଇଥିଲେ। ଏବେ ମାଙ୍କଡ଼ା ପଥର ତାଡି ଆଙ୍ଗେଲ ମଧ ନେଇଯାଉଛନ୍ତି। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବା ବେଳେ ଠିକାସଂସ୍ଥା କିମ୍ବା ଏଏସ୍ଆଇ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଛନ୍ତି। ୧୯୮୨ ରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଏହି ବୌଦ୍ଧପୀଠକୁ ହାତକୁ ନେଇଥିଲା। ୧୯୮୬-୮୭ ରେ ପ୍ରଥମ ଖନନ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପୁନର୍ବାର ୨୦୦୧-୦୨ ରେ ଖନନ କାର୍ଯ୍ୟ କରାଯାଇ ଅଧାପନ୍ତରିଆ ଭାବେ ଛାଡ଼ି ଦିଆଯାଇଥିଲା। ପାଚେରି ଭାଙ୍ଗି ନେଇଯିବା ଯୋଗୁଁ ବୁଲା ଗୋରୁ ଛେଳି ପୀଠ ମଧ୍ୟକୁ ପ୍ରବେଶ କରୁଛନ୍ତି। ଅତୀତରେ ଏଠାରୁ ପ୍ରାଚୀନ ମୂର୍ତ୍ତି ଚୋରି ହୋଇଥିବାର ଅଭିଯୋଗ ହୋଇଥିଲା। ଲକ୍ଷଲକ୍ଷ ଟଙ୍କାର ପାଚେରି ଭାଙ୍ଗି ନେଉଥିବା ବେଳେ ବିଭାଗ ପକ୍ଷରୁ ଥାନାରେ ଏତଲା ମଧ ଦିଆଯାଇନାହିଁ।

# ନେଟ୍‌ଫ୍ଲିକ୍ସରେ 'ଲାଲ୍ ସିଂହ ଚଡ୍‌ଢ଼ା' ଜଲ୍‌ଦି ରିଲିଜ୍ ହେବା ନେଇ ମଜାକ ଉଡ଼ାଇଲେ ଦର୍ଶକ




ସୁପରଷ୍ଟାର ଆମୀର ଖାନ୍‌ଙ୍କ ଚଳଚ୍ଚିତ୍ର 'ଲାଲ୍ ସିଂହ ଚଡ୍‌ଢ଼ା'କୁ ନେଇ ଦର୍ଶକଙ୍କ ମନରେ ଅନେକ ଉତ୍ସୁକତା ରହିଥିଲା । ମାତ୍ର ଚଳଚ୍ଚିତ୍ରଟି ସେତେଟା ଆଦୃତି ଲାଭ କରି ପାରିନାହିଁ । ୪ ବର୍ଷ ପୂର୍ବରୁ ଆମୀର ତାଙ୍କର ଏହି ଚଳଚ୍ଚିତ୍ରକୁ ନେଇ ଘୋଷଣା କରି ସଭିଙ୍କୁ ଉତ୍ସୁକ କରି ପକାଇଥିଲେ ।
ମାତ୍ର ଦୀର୍ଘ ସମୟ ପରେ ଚଳଚ୍ଚିତ୍ରଟି ପରଦାରେ ଦେଖିବାକୁ ମିଳିବା ପରେ ତାହାର ଅବସ୍ଥାର ଏପରି ହୋଇଥିଲା ଯାହାର କଳ୍ପନା ବି କେହି କରିନଥିଲେ । ଆମୀର ତାଙ୍କର ଏକ ସାକ୍ଷାତ୍‌କାରରେ କହିଥିଲେ ଯେ ଚଳଚ୍ଚିତ୍ରଟି ରିଲିଜ୍ ହେବାର ୬ ମାସ ପରେ ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ୍ ହେବ । ମାତ୍ର ଏବେ ଲାଗୁଛି ଆମୀରିଙ୍କ ଯୋଜନା ବଦଳି ଯାଇଛି ।
'ଲାଲ୍ ସିଂହ ଚଡ୍‌ଢ଼ା'କୁ ରିଲିଜ୍ ହେବାର ୨ ମାସ ବି ହୋଇନି ହେଲେ ଚଳଚ୍ଚିତ୍ରଟିକୁ ନେଟ୍‌ଫ୍ଲିକ୍ସରେ ଦେଖିବାକୁ ମିଳିଲାଣି । ନେଟ୍‌ଫ୍ଲିକ୍ସରେ 'ଲାଲ୍ ସିଂହ ଚଡ୍‌ଢ଼ା'ର ଟିଜର ଓ ପୋଷ୍ଟର ସେୟାର ହେବା ସହ ଏହି ସୂଚନା ମିଳିଛି ।
ଆମୀର ଖାନ୍‌ଙ୍କର ଏହି ଫିଲ୍ମଟିକୁ ସମୟ ପୂର୍ବରୁ ନେଟ୍‌ଫ୍ଲିକ୍ସରେ ଦେଖିବା ପରେ ଦର୍ଶକ ଚକିତ ହୋଇ ଯାଇଛନ୍ତି । କେହି ଫିଲ୍ମଟିକୁ ଦେଖିବାକୁ ନିଜର ଖୁସି ବ୍ୟକ୍ତ କରିଛନ୍ତି ତ ପୁଣି କେହି ଫିଲ୍ମଟି ଜଲ୍‌ଦି ରିଲିଜ୍ ହେବାକୁ ନେଇ ମଜାକ ଉଡ଼ାଇଛନ୍ତି । ଜଣେ ଲେଖିଛନ୍ତି, 'ଛଅ ମାସ ହୋଇଗଲା କି' ଅନ୍ୟ ଜଣେ ଲେଖିଛନ୍ତି 'ବହୁତ ଜଲ୍‌ଦି ଆସିଗଲା' । ଆପଣ ଜାଣିଥିବେ ନିଶ୍ଚୟ ଯେ ରିଲିଜ୍ ପୂର୍ବରୁ ଆମୀରଙ୍କ ଏହି ଚଳଚ୍ଚିତ୍ରଟି ବିବାଦରେ ରହିଆସିଛି । ଏପରିକି ଏହି ଚଳଚ୍ଚିତ୍ରକୁ ବୟକଟ୍ ବି କରାଯାଇଥିଲା ।

# ଅନୁପମ ପଟ୍ଟନାୟକଙ୍କ ନୂଆ ସିନେମା 'ପ୍ରତୀକ୍ଷା'ର ପୋଷ୍ଟର ଲଞ୍ଚ ହେଲା

ଓଲିଉଡର ଜଣାଶୁଣା ପ୍ରଯୋଜକ-ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ନୂଆ ସିନେମା 'ପ୍ରତୀକ୍ଷା'ର ପୋଷ୍ଟର ଲଞ୍ଚ ହୋଇଛି । ଗତକାଲି ପବିତ୍ର ବିଜୟାଦଶମୀ ଅବସରରେ ଏହାକୁ ରିଲିଜ୍ କରାଯାଇଛି । ଏହି ପୋଷ୍ଟରରେ ନାୟକ ଦୀପନ୍ୱିତ ଦାସମହାପାତ୍ର ଓ ବରିଷ୍ଠ ଅଭିନେତା ଚୌଧୁରୀ ଜୟ ପ୍ରକାଶ ଦାସଙ୍କୁ ଦେଖିବାକୁ ମିଳିଛି । ଆଗାମୀ ୧୯ ତାରିଖରେ ଫିଲ୍ମର ଟ୍ରେଲର ଓ ଅଡିଓ ରିଲିଜ୍ କରାଯିବ ବୋଲି ପ୍ରଯୋଜକ-ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ସୂଚନା ଦେଇଛନ୍ତି ।

ବିଶିଷ୍ଟ କଥାକାର ଗୌରହରି ଦାସଙ୍କ ଏକ କ୍ଷୁଦ୍ରଗଳ୍ପ ଆଧାରରେ ପ୍ରସ୍ତୁତ ଏହି 'ପ୍ରତୀକ୍ଷା'ର ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ରୋଶନ ବିଷୋଇ । ବର୍ଷା ପଟ୍ଟନାୟକ ଏହାର କାର୍ଯ୍ୟନିର୍ବାହୀ ପ୍ରଯୋଜିକା ଅଛନ୍ତି ।

ଅମୀୟ ପଟ୍ଟନାୟକ ପ୍ରଡକସନ ନିବେଦିତ 'ପ୍ରତୀକ୍ଷା'ର ମୁଖ୍ୟ କଳାକାରମାନେ ହେଲେ ଦୀପନ୍ୱିତ ଦାସମହାପାତ୍ର, ଚୌଧୁରୀ ଜୟ ପ୍ରକାଶ ଦାସ, ବର୍ଷା ପଟ୍ଟନାୟକ, ଶ୍ରୀଲା ତ୍ରିପାଠୀ, ରୂପାମ୍ୱିକା ନାୟକ, ସୁଶୀଲ ମିଶ୍ର, ଅବକାଶ ମିଶ୍ର ଓ ସିଦ୍ଧାନ୍ତ ମହାପାତ୍ର । ଅଙ୍କେଶ-ଆଶିଷ ଏହି ଫିଲ୍ମର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଦୁର୍ଗାମାଧବ ପଣ୍ଡା ଓ ପ୍ରିୟରଂଜନ ସାହୁ ଗୀତ ରଚନା କରିଛନ୍ତି । ଫିଲ୍ମର ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ଆଶିଷ ପ୍ରଧାନ, ହ୍ୟୁମାନ ସାଗର, ବିଶ୍ୱଜିତ ମହାପାତ୍ର ଓ ବିଭାସ ରଥ । ଦୀପକ କୁମାର 'ପ୍ରତୀକ୍ଷା'ର ସିନେମାଟୋଗ୍ରାଫି ଦାୟିତ୍ୱ ସମ୍ଭାଳି ଛନ୍ତି । ଦେବେନ ମିଶ୍ର ସଂପାଦନା ଦାୟିତ୍ୱ ନିର୍ବାହ କରିଛନ୍ତି ।

'ପ୍ରତୀକ୍ଷା' ଆଗାମୀ ଡିସେମ୍ବର ମାସରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜକ-ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ସୂଚନା ଦେଇଛନ୍ତି ।




# ସାଜିଦଙ୍କ ଯୋଗୁ ବଲିଉଡ୍ ଛାଡ଼ିବେ ଏହି ଅଭିନେତ୍ରୀ !

ବଲିଉଡ୍‌କୁ ଗୁଡ୍ ବାଏ୍ କହିପାରନ୍ତି ଅଭିନେତ୍ରୀ ମନ୍ଦନା କରିମି । ତାଙ୍କୁ ଶେଷ ଥର ପାଇଁ ଏକତା କପୁରଙ୍କ ସୋ ଲକ୍ ଅପରେ ଦେଖାଯାଇଥିଲା । ଏ ନେଇ ସେ ଏକ ସାକ୍ଷାତକାରରେ ଖୋଲାଖୋଲି ଭାବରେ କହିଛନ୍ତି । ତେବେ ଏସବୁର କାରଣ ହେଉଛନ୍ତି ଫିଲ୍ମ ପ୍ରଯୋଜକ ସାଜିଦ୍ ଖାନ । ସବୁଠୁ ବଡ ରିଅଲିଟି ସୋ ବିଗ୍ ବସ୍ ରେ ଏବେ ଫିଲ୍ମ ପ୍ରଯୋଜକ ସାଜିଦ୍ ଖାନ ଏଣ୍ଟ୍ରି କରିଛନ୍ତି । ଏହାକୁ ବିରୋଧ କରି ମନ୍ଦନା ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି ।
ସୂଚନାଯୋଗ୍ୟ ଯେ ମି ଠୁ ବିବାଦ ସମୟରେ ସାଜିଦ ଖାନ ଅନେକ ଅଭିନେତ୍ରୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଥିଲା । ଏଥିରେ ଅଭିନେତ୍ରୀ ମନ୍ଦନାଙ୍କ କରିମିଙ୍କ ନାମ ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ବର୍ତ୍ତମାନ ବିଗ୍ ବସ୍ ରେ ପ୍ରତିଯୋଗୀ ଭାବରେ ସାଜିଦ୍ ଖାନଙ୍କୁ ସୁଯୋଗ ଦିଆଯାଇଥିବାରୁ ମନ୍ଦନା କ୍ରୋଧିତ ହୋଇ ଉଠିଛନ୍ତି । ବର୍ତ୍ତମାନ ସେ ଫିଲ୍ମ ଇଣ୍ଡଷ୍ଟ୍ରି ଛାଡିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି ।



## ୱାରିଅର୍ ଅନ୍ଦାଜରେ ଆୟୁଷ

'ଅନ୍ତିମ' ଦ ଫାଇନାଲ ଟ୍ରୁଥ୍ରେ ଭଲ ପ୍ରଦର୍ଶନ ପରେ ଅଭିନେତା ଆୟୁଷ ଶର୍ମାଙ୍କ କ୍ୟାରିୟର ଧୀରେ ଧୀରେ ଆଗକୁ ବଢିବାରେ ଲାଗିଛି । ତାଙ୍କ ପ୍ରଶଂସକ ଆୟୁଷ ଶର୍ମାଙ୍କ ପରବର୍ତ୍ତୀ ଚଳଚ୍ଚିତ୍ରକୁ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ । ତେବେ ଦଶହରା ଉପଲକ୍ଷେ ଆୟୁଷ ତାଙ୍କ ପ୍ରଶଂସକଙ୍କୁ ବିଶେଷ ଉପହାର ଦେଇଛନ୍ତି । ଆୟୁଷ ଶର୍ମାଙ୍କ ଆଗାମୀ 'ଏଏସ୍୦୩' ଚଳଚ୍ଚିତ୍ରର ଟିଜର ରିଲିଜ ହୋଇଛି । ଯେଉଁଥିରେ ସେ ଆକ୍ସନ୍ ଅବତାରରେ ନଜର ଆସିଛନ୍ତି । ଦଶହରା ଅବସରରେ ଆୟୁଷ ଶର୍ମା ତାଙ୍କ ପ୍ରଶଂସକଙ୍କୁ ଆଗାମୀ ଚଳଚ୍ଚିତ୍ରର ଏକ ଝଲକ ଦେଖାଇଛନ୍ତି । ଏହା ବଲିଉଡ୍‌ରେ ତାଙ୍କର ତାଙ୍କର ତୃତୀୟ ଚଳଚ୍ଚିତ୍ର । ଏହାର ଟିଜରରେ ଜଙ୍ଗଲର ଭୟଙ୍କର, ଅନ୍ଧକାର ଏବଂ ଭୟାନକ ଦୁନିଆର ଝଲକକୁ ପ୍ରଦର୍ଶିତ କରାଯାଇଛି । ଏହି ଚଳଚ୍ଚିତ୍ର ସହ ଜଡିତ ସବିଶେଷ ତଥ୍ୟ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ । ଏହି ଫିଲ୍ମ ୨୦୨୩ରେ ମୁକ୍ତିଲାଭ କରିବ ।




# 'ଦ ଘୋଷ୍ଟ'ରେ ଦେଖିବାକୁ ମିଳିବ ସୋନାଲ୍ ଚୌହାନଙ୍କ ଚକମା

ଆଜି ପରଦାକୁ ଆସିଥିବା ନାଗାର୍ଜୁନ ଷ୍ଟାରର 'ଦ ଘୋଷ୍ଟ'ରେ ସୋନାଲ୍ ଚୌହାନ ସାଜିଛନ୍ତି ନାୟିକା । ଏହି ଆକ୍ସନ୍ ସିନେମାରେ ନାୟକ ନାଗାର୍ଜୁନଙ୍କଠାରୁ ଅଧିକ ଆକ୍ସନ୍ ଓ ଷ୍ଟଣ୍ଟ୍ ସିନ୍‌ରେ ସୋନାଲ୍‌ଙ୍କ ଭୂମିକା ରହିଛି । ଏସବୁ ସିନ୍‌ରେ ଶଟ୍ ଦେବାବେଳେ ସୋନାଲ୍‌ଙ୍କ ପାଦ ଆଘାତପ୍ରାପ୍ତ ହେଇଥିଲା । ମାର୍ସିଆଲ୍ ଆର୍ଟକୁ ନେଇ କିଛି ଦୃଶ୍ୟରେ ସୋନାଲ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ସୁଟିଂସେଟ୍‌ରୁ ଯାଇ ହସ୍‌ପିଟାଲ୍‌ରେ ଆବଶ୍ୟକ ଚିକିତ୍ସା ନେବା ପରେ ଯଥାଶୀଘ୍ର ସୋନାଲ୍ ପୁଣି ସୁଟିଂରେ ଯୋଗ ଦେଇଥିଲେ । ଏପରିକି ଫାଇଟ୍ ସିନରେ ମଧ୍ୟ ସେ ନିଜକୁ ସାମିଲ କରିଥିଲେ ।

ଏଇ ଚଳଚ୍ଚିତ୍ରରେ ନାଗାର୍ଜୁନ ଓ ସୋନାଲ୍‌ଙ୍କ ସହ ଗୁଲ୍ ପନାଗ ଓ ଆନିଖା ସୁରେନ୍ଦ୍ରନ୍ ମଧ୍ୟ ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ ହେଇଛନ୍ତି । ସୁନୀଲ୍ ନାରଙ୍ଗ, ପୁଷ୍କର ରାମମୋହନ ରାଓ ଓ ସାରଥ ମାରାରଙ୍କ ପ୍ରଯୋଜିତ ଏଇ ଚଳଚ୍ଚିତ୍ରର ଷ୍ଟଣ୍ଟ୍ ନିର୍ଦ୍ଦେଶନା ଦେଇଛନ୍ତି ଦୀନେଶ ସୁବାରାୟନ୍ ଓ କାଇଚ୍ଛା ।

୨୦୦୮ରେ ହିନ୍ଦୀ ମୁଭି 'ଜନ୍ନତ' ଜରିଆରେ ବଡ଼ ପରଦାରେ ପ୍ରବେଶ କରିଥିବା ସୋନାଲ୍ ଚୌହାନ ପରେ ପେହଲା, ୩-ଜି, ପାୱାର, ପଲ୍‌ଟାନ୍ ଓ ଜ୍ୟାକ୍ ଆଣ୍ଡ ଦିଲ୍‌ରେ ଅଭିନୟ କରିଛନ୍ତି । ଏହା ସହିତ ତେଲୁଗୁ ଫିଲ୍ମ ରେନବୋ, ଲିଜେଣ୍ଡ, ପାଣ୍ଡାଗା, ଶେରସାଇଜ ଜିରୋ, ଡିକ୍ଟେଟର, ରୁଲର, ଫନ୍ ଆଣ୍ଡ ଫ୍ରଷ୍ଟ୍ରେସନ୍ ଏବଂ କନଡ୍ ଫିଲ୍ମ ଚେଲୁଭିଏ ନେନୁ ନୋଦାଲୁ ଆଦିର ନାୟିକା ସାଜି ସେଠାକାର ଦର୍ଶକଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି ।

ଲକ୍‌ଡାଉନ୍ ସମୟରେ ସୋନାଲ୍ 'ସ୍କାଏ ଫାୟାର' ୱେବ୍‌ସିରିଜ୍‌ରେ ନଜରକୁ ଆସିଥିଲେ । ଆଗାମୀ ଚଳଚ୍ଚିତ୍ର 'ଆଦିପୁରୁଷ'ରେ ମଧ୍ୟ ସୋନାଲ୍‌ଙ୍କୁ ଦେଖିବାକୁ ମିଳିବ । ଯାହା ଜଣାପଡୁଛି ଆଗ୍ରା ଝିଅ ସୋନାଲ୍ ଆଉ କିଛିଦିନ ଭିତରେ ସିନେ ଇଣ୍ଡଷ୍ଟ୍ରିର ଅନ୍ୟ ଅଭିନେତ୍ରୀଙ୍କୁ ପଛରେ ପକେଇ ଶୀର୍ଷରେ ପହଞ୍ଚିଯିବେ ।



# ଏଯାଏ ଓଲିଉଡର ଏହି ଲୋକପ୍ରିୟ ନାୟିକାଙ୍କ ସାଥ୍ ପାଇନାହାନ୍ତି ସବ୍ୟସାଚୀ

ଓଲିଉଡର ଲୋକପ୍ରିୟ ନାୟକ ସବ୍ୟସାଚୀ ମିଶ୍ରଙ୍କର ଆଜି ଜନ୍ମଦିନ । ସେ ଓଲିଉଡରେ ପ୍ରାୟ ୧୫ ବର୍ଷ ହେଲା ସକ୍ରିୟ ଅଛନ୍ତି । ସୋବର ବୟ ଭାବେ ପରିଚିତ ସବ୍ୟସାଚୀଙ୍କ ମୁକ୍ତିପ୍ରାପ୍ତ ପ୍ରଥମ ଓଡ଼ିଆ ସିନେମା ହେଲା ' ପାଗଳପ୍ରେମୀ' । ହର ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ନାୟିକା ଭୂମିକାରେ ଥିଲେ ବଙ୍ଗୀୟ ଯୁବତୀ ଅର୍ପିତା ।

ଏହାପରେ ସେ ଅର୍ଚ୍ଚିତା, ବର୍ଷା ପ୍ରିୟଦର୍ଶିନୀ, ରୀୟା, ପ୍ରିୟା, ତମନ୍ନା ଓ ଏଲିନା ପ୍ରମୁଖ ଜଣାଶୁଣା ନାୟିକାଙ୍କ ବିପକ୍ଷରେ ନାୟକ ବନିଛନ୍ତି । ତେବେ ଆଉଜଣେ ଆଗଧାଡ଼ିର ନାୟିକାଙ୍କ ସହ ପରଦାରେ ରୋମାନ୍ସ କରିବାର ଏଯାଏ ସୁଯୋଗ ପାଇନାହାନ୍ତି ସବ୍ୟସାଚୀ । ଏହି ନାୟିକା ହେଲେ ଅନୁ ଚୌଧୁରୀ । ତାଙ୍କ ବିପକ୍ଷରେ କୌଣସି ସିନେମାରେ ଏ ଯାଏଁ ନାୟକ ହେବାର ସୁଯୋଗ ମିଳିନାହିଁ ସବ୍ୟସାଚୀଙ୍କୁ ।





ସୂଚନାଯୋଗ୍ୟ, ଅନୁ ଚୌଧୁରୀ ୧୯୯୮ରେ ମୁକ୍ତିଲାଭ କରିଥିବା 'ମା' ଗୋଜବାୟାଣୀ' ସିନେମାରୁ ଓଲିଉଡରେ ନାୟିକା ଭାବେ କ୍ୟାରିଅର୍ ଆରମ୍ଭ କରିଥିଲେ । ଏହି ଫିଲ୍ମରେ ନାୟକ ଭୂମିକାରେ ଅଭିନୟ କରିଥିଲେ ମନୋଜ ପଣ୍ଡା । କେବଳ ଏହି ସିନେମାରେ ମନୋଜ ନାୟକ ଭୂମିକା ନିଭାଇଥିଲେ । ଏହାପରେ ଅନୁ ଓଲିଉଡର ଅଧିକାଂଶ ଟପ୍ ନାୟକଙ୍କ ସହ ସ୍କ୍ରିନ୍ ସେଆର୍ କରିଛନ୍ତି । ଏମାନଙ୍କ ମଧ୍ୟରେ ସିଦ୍ଧାନ୍ତ, ଅନୁଭବ, ଅରିନ୍ଦମ୍ , ଆକାଶ ଓ ସୁନୀଲ କୁମାର ପ୍ରମୁଖ ଅଛନ୍ତି । ହେଲେ ଅନୁ ଏଯାଏଁ ସବ୍ୟସାଚୀଙ୍କ ସାଥ୍ ପାଇ ନାହାନ୍ତି । ଅନୁ ଚୌଧୁରୀ ଓ ସବ୍ୟସାଚୀଙ୍କ ଯୋଡ଼ିକୁ କେବେ ପରଦାରେ ଦେଖିବାକୁ ମିଳିବ, ତାହା ସମୟ କହିବ ।

# ସେଲ୍ଫି ନେବା ବେଳେ ରାଗିଗଲେ ଜୟା ବଚ୍ଚନ

ପୁଣି ଆଙ୍ଗ୍ରି ଲେଡି ଲୁକ୍‌ରେ ମିସେସ୍ ବଚ୍ଚନ । ନାଲିଆଖି ଦେଖାଇଲେ ଜୟା ବଚ୍ଚନ । ପୁଣି ଥରେ ଫ୍ୟାନ୍‌ମାନଙ୍କ ଉପରେ ଭଡକିଗଲେ । ସମସ୍ତଙ୍କ ଆଗରେ ଗାଳି ଦେଲେ । ଜୟ ବଚ୍ଚନଙ୍କ ଆଙ୍ଗ୍ରି ଲୁକ୍‌ର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ବୁଧବାର ଦିନ ଜୟା ବଚ୍ଚନ ପୁଅ ଅଭିଷେକ ବଚ୍ଚନ ସହ ଭୋପାଲ ଯାଇଥିଲେ । ଦୁହେଁ ନ୍ୟୁ ମାର୍କେଟ୍ ସ୍ଥିତ କାଳିବାଡିରେ ପୂଜାର୍ଚ୍ଚନା କରିଥିଲେ । ତେବେ ସେଠାରେ ଥିବା ଲୋକେ ଜୟା ଓ ଅଭିଷେକଙ୍କୁ ଦେଖି ଉତ୍ସାହିତ ହୋଇଯାଇଥିଲେ । ସମସ୍ତେ ଜୟା ଓ ଅଭିଷେକଙ୍କୁ ଦେଖା କରିବାକୁ ତାଙ୍କ ନିକଟକୁ ଆସିଥିଲେ । ଆଉ ସାଙ୍ଗରେ ସେଲ୍ଫି ଉଠାଇବାକୁ ଲାଗିଥିଲେ । ବାସ୍ ଏହା ଦେଖି ବଦଳି ଯାଇଥିଲା ଜୟା ବଚ୍ଚନଙ୍କ ମୁଡ୍ । ଫ୍ୟାନ୍‌ମାନଙ୍କୁ ସେଲ୍ଫି ଉଠାଉଥିବା ଦେଖି ସେ ରାଗି ଯାଇଥିଲେ । ଏହାପରେ ସେ ଫ୍ୟାନ୍‌ମାନଙ୍କୁ ଗାଳି ଦେବା ଆରମ୍ଭ କରିଥିଲେ । ଆଖି ଉପରେ ଲାଇଟ୍ ପଡୁଛି । ଆପଣମାନେ କ'ଣ କରୁଛନ୍ତି । ଆପଣମାନଙ୍କୁ ଲାଜ ମାଡୁନି କି ? ଏଭଳି କିଛି କହି ସମସ୍ତଙ୍କ ଆଗରେ ଗାଳି ଦେବାକୁ ପଛାଇ ନଥିଲେ ଜୟା । ଜୟାଙ୍କ ଏହି ଆଙ୍ଗ୍ରି ଲୁକ୍ ଏବେ ସୋଶାଲ ମିଡିଆର ଚର୍ଚ୍ଚାର ବିଷୟ ପାଲିଟିଛି । ତାଙ୍କ ଭିଡିଓ ଜୋରସୋରରେ ଭାଇରାଲ ହେବାରେ ଲାଗିଛି । ତେବେ ଏହା ପ୍ରଥମ ଘଟଣା ନୁହେଁ । ଏହା ପୂର୍ବରୁ ମଧ୍ୟ ଅନେକ ଥର ଜୟା ବଚ୍ଚନ ମିଡିଆ ଆଗରେ ନିଜ ଚଣ୍ଡି ରୂପ ଦେଖାଇ ସାରିଛନ୍ତି । ଫଟୋଗ୍ରାଫରଙ୍କ ଠାରୁ ଆରମ୍ଭ କରି ରିପୋଟର ଆଉ ଫ୍ୟାନ୍‌ମାନଙ୍କୁ ସେ ଗାଳି ଦେଇସାରିଛନ୍ତି । ସେଲ୍ଫି ଉଠାଉଥିବା ଲୋକଙ୍କୁ ସେ ବିରୋଧ ମଧ୍ୟ କାରିସାରିଛନ୍ତି ।



ଶୁକ୍ରବାର, ଅକ୍ଟୋବର ୦୭, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଉଦଳାରେ ଇନରହ୍ୱିଲ୍ କ୍ଲବର ଫେଲୋସିପ୍ ନାଇଟ୍ ପ୍ରୋଗ୍ରାମ

ଉଦଳା, ୦୬/୧୦(ନି.ପ୍ର): ଉଦଳାରେ ଗଢ଼ି ଉଠିଥିବା ଇନରହ୍ୱିଲ୍ କ୍ଲବର ଫେଲୋସିପ୍ ନାଇଟ୍ ପ୍ରେଗ୍ରାମ ଚଳିତ ଅକ୍ଟୋବର ୪ ତାରିଖ ମଙ୍ଗଳବାର ଦିନ ସ୍ଥାନୀୟ ତୁଳସୀ କଲ୍ୟାଣ ମଣ୍ଡପ ପରିସରରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ କଲ୍ୟାଣ ମଣ୍ଡପର ସତ୍ୱାଧିକାରିଣୀ ସ୍ନେହଲତା ସଦୁଆଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନାଲି ଫିତା କାଟି ଉଦ୍‌ଘାଟନ କରି ସେବା କ୍ଷେତ୍ରରେ ଇନର ହ୍ୱିଲର କାର୍ଯ୍ୟକଳାପ ବାସ୍ତବରେ ପ୍ରଶଂସନୀୟ ବୋଲି ବ୍ୟକ୍ତ କରିଥିଲେ । କ୍ଲବର ସଭାପତି ଜୟନ୍ତୀ ପଟ୍ଟନାୟକ ସଭାକାର୍ଯ୍ୟ ପରିଚାଳନା କରିବା ସହ ସମଗ୍ର ବିଶ୍ୱରେ ସର୍ବ ବୃହତ ମହିଳା ସେବା ସଂସ୍ଥା ଭାବରେ ଇନର ହ୍ୱିଲ୍ ତାର ପରିଚୟ ସୃଷ୍ଟି କରିଥିବାବେଳେ ଉଦଳାରେ ଉକ୍ତ କ୍ଲବର ଶାଖା ଖୋଲିବା ଦ୍ୱାରା ଆମେ ପୃଥିବୀର ବିଭିନ୍ନ ପ୍ରାନ୍ତର ଲୋକଙ୍କ ସହିତ ସମ୍ପର୍କ ସ୍ଥାପନ କରିବାର ସୁଯୋଗ ପାଇଛୁ ବୋଲି କହିଥିଲେ । କ୍ଲବର ସମ୍ପାଦିକା ମୀନାକ୍ଷୀ ମହାନ୍ତି ଫେଲୋସିପ୍ କିପରି ଫ୍ରେଣ୍ଡସିପ୍‌କୁ ଦୃଢ଼ୀଭୂତ କରିଥାଏ ଓ ଫ୍ରେଣ୍ଡସିପ୍ ଦ୍ୱାରା ଜୀବନର ଅନେକ ସମସ୍ୟାର ସମାଧାନ କିପରି ଘଟିଥାଏ ଉଦାହରଣମାନ ଦେଇ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହି ଅବସରରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା କହିଲେ "ଅତୀତରେ ଝିଅ ମାନଙ୍କୁ ପାଠ ପଢ଼ିବାକୁ ଦିଆଯାଉ ନଥିଲା । ଝିଅ ଜନମ ପର ଘରକୁ ବୋଲି କହି ତାଙ୍କ ପ୍ରତି ବିଭିନ୍ନ ପ୍ରକାର ଅବିଚାର କରାଯାଉଥିଲା । ଏବେ ସମୟ ଧିରେ ଧିରେ ବଦଳିବାରେ ଲାଗିଛି । ଆଗକୁ ଆହୁରି ଅନେକ କିଛି କାମ କରିବାର ଅଛି ।" ଏହାପରେ ଦାଣ୍ଡିଆ ନୃତ୍ୟ ପରିବେଷିତ ହୋଇଥିଲା । ଏହା ଥିଲା ଫେଲୋସିପ୍ ନାଇଟ୍ ପ୍ରୋଗ୍ରାମର ମୁଖ୍ୟ ଆକର୍ଷଣ । ପ୍ରାରମ୍ଭରେ କ୍ଲବର ସି.ସି. ସୁଜାତା ବରାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଗୀତାଶ୍ରୀ ରାୟ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ମମତା ସାହୁ, ରାଜଲକ୍ଷ୍ମୀ ମହାନ୍ତି, ଦିଗ୍‌ବାଳା ପରିଡ଼ା, ମମତା ମହାନ୍ତି, ପ୍ରମୁଖ ସହଯୋଗ କରିଥିଲେ ।

## ୫ ଲକ୍ଷ ଟଙ୍କାର ଚେକ୍ ବାଉନ୍ସ ମାମଲାରେ ଯୁବକ ଗିରଫ

ବସ୍ତା, ୦୬/୧୦(ନି.ପ୍ର): ଜିଲ୍ଲା ବସ୍ତା ଥାନା କୁଶଡିହା ଗ୍ରାମ ରବିନ୍ଦ୍ର ସେନାପତି କୁ ୫ ଲକ୍ଷ ଟଙ୍କାର ଚେକ୍ ବାଉନ୍ସ ମାମଲାରେ ବସ୍ତା ପୋଲିସ ଗିରଫ କରିଛି । ଘଟଣାରୁ ପ୍ରକାଶ ରବିନ୍ଦ୍ର ସେନାପତି ୨୦୧୮ ମସିହାରେ ୬୦ନଂ ଜାତୀୟ ରାଜପଥ କୁଣ୍ଡପୁର ନିକଟରେ ଥିବା ମା ଲକ୍ଷ୍ମୀ ଇଟା ଫେକ୍ଟ୍ରିରୁ ୫ ଲକ୍ଷ ଟଙ୍କାର ଇଟା ନେଇ ଏକ ଚେକ୍ ପ୍ରଦାନ କରିଥିଲେ । ଚେକ୍ ଡିପୋଜିଟ୍ ପରେ ଉକ୍ତ ଚେକ୍‌ଟି ବାଉନ୍ସ ହୋଇଥିଲା । ଏନେଇ ବାରମ୍ୱାର ଫେକ୍ଟ୍ରି ମାଲିକ ଅଜିତ୍ କୁମାର ଷଡଙ୍ଗୀ ବ୍ୟାଙ୍କ ଓ ଗ୍ରାହକ ପାଖକୁ ଦଉଡ଼ି ଦଉଡ଼ି ଶେଷରେ ୨୦୧୯ ରେ କୋର୍ଟ ଆଶ୍ରୟ ନେଇଥିଲେ । କୋର୍ଟର ନିର୍ଦ୍ଦେଶ ପରେ ଗତକାଲି ବିଳମ୍ୱିତ ରାତିରେ ବସ୍ତା ପୋଲିସ ରବନ୍ଦ୍ର ସେନାପତିଙ୍କୁ ଗିରଫ କରିଥିଲା ବେଳେ ଆଜି କୋର୍ଟ ଚାଲାଣ କରିଥିବା ଦେଖିବାକୁ ମିଳିଛି ।

## ଗମ୍ଭାଲୁଣ୍ଡିରେ ସାର୍ବଜନୀନ ଦୂର୍ଗାପୂଜା

ବସ୍ତା, ୦୬/୧୦(ନି.ପ୍ର): ବସ୍ତା ବ୍ଲକଇଡିଦା ପଞ୍ଚାୟତର ନାରଗୋଦା ଗମ୍ଭାଲୁଣ୍ଡିରେ ସାର୍ବଜନୀନ ମା ଦୁର୍ଗାପୂଜା ଓ ରାବଣପୋଡି ଉତ୍ସବ ୧୯ ବର୍ଷରେ ପାଦ ଦେଇଛି । ଦୂର୍ଗାପୂଜା କମିଟିର ସଭାପତି ବିମଳେଶ୍ୱର ବେହେରା, ସମ୍ପାଦକ ସ୍ୱପ୍ନେଶ୍ୱର ଦାସ, କମିଟିର ସଦସ୍ୟ ତାରାକାନ୍ତ ବେହେରା, ଜଳଧର ସେଠୀ, ରଘୁନାଥ ସାହୁ, ଅଚ୍ୟୁତ ବେହେରା, କରୁଣାକର ପରିଡା, ବିଜୟବେହେରା, ମନୋରଞ୍ଜନ ନାୟକ, ଅକ୍ଷୟ ସେଠୀ, ପ୍ରଭାକର ବେହେରା, ଚିତ୍ତରଞ୍ଜନ ଦାସ, କମଳାକାନ୍ତ ଦାସ, ମନୋଜ ନାଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଚନ୍ଦନପୁରରେ ଗାନ୍ଧୀ ଜୟନ୍ତୀରେ ଗ୍ରାମସଭା ଓ ସ୍ୱଚ୍ଛତା ଅଭିଯାନ

ବାରିପଦା, ୦୬/୧୦ (ନି.ପ୍ର): ବାରିପଦାବ୍ଲକ ଅନ୍ତର୍ଗତ ଚନ୍ଦନପୁର ଗ୍ରାମ ପଂଚାୟତ ଠାରେ ଗାନ୍ଧିଜୟନ୍ତୀ ପାଳନ ଅବସରରେ ଏକ ଗ୍ରାମସଭା ସହ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସର ରେ ଚନ୍ଦନପୁର ସରପଂଚ ବାବୁଲାଲ ମୁର୍ମୁ, ପଂଚାୟତ ସମିତି ସଭ୍ୟ ରୀନା ଦେହୁରୀ, ପିଇଓ ସପନ କୁମାର ଦାସ, ଜିଆରଏସ ମାନସିଂ ବାବୁ, ମାଷ୍ଟର ଟ୍ରେନର କରୁଣାକର ନାଥ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ସ୍ମୃତିଚାରଣ କରିବା ସହ ସ୍ୱଚ୍ଛତା କାର୍ଯ୍ୟକ୍ରମ ଏବଂ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଅଙ୍ଗନୱାଡ଼ି କର୍ମୀ ଏବଂ ସିଆରପି ମାନେ କାର୍ଯ୍ୟକ୍ରମରେ ଭାଗନେଇ ସ୍ୱଚ୍ଛତା ଶପଥପାଠ କରିବା ସହିତ ଲୋକଙ୍କୁ ସଚେତନ କରାଇଥିଲେ ।

## ବାଲେଶ୍ୱରରେ ଶାନ୍ତି ଶୃଙ୍ଖଳାରେ ଭସାଣିଯାତ୍ରା ସମ୍ପନ୍ନ



ବାଲେଶ୍ୱର, ୦୬/୧୦(ନି.ପ୍ର): ଭକ୍ତଙ୍କ ଗହଣରେ ୫ ଦିନର ରହଣି ପରେ ଧରାପୃଷ୍ଠରୁ ମେଲାଣି ନେଇଛନ୍ତି ଦୁର୍ଗତି ନାଶିନୀ ମାଆ ଦୁର୍ଗା । ପାର୍ବଣର ଶେଷ ପର୍ବ ଭାବେ ସବୁଠି ଚାଲିଛି ମାଆଙ୍କ ବିସର୍ଜନ ଓ ଆୟୋଜିତ ହୋଇଛି ଭସାଣି ଶୋଭାଯାତ୍ରା । ଚଳିତ ବର୍ଷ ବାଲେଶ୍ୱର ସହର ଓ ସହର ଉପକଣ୍ଠ ଗ୍ରାମାଞ୍ଚଳରେ ପୂଜା ପାଇଥିବା ମୋଟ ୮୫ରୁ ଉର୍ଦ୍ଧ୍ୱ ମଣ୍ଡପରେ ମାଆଙ୍କ ମୃଣ୍ମୟ ମୂର୍ତ୍ତିକୁ ଉଭୟ ବାଲିଘାଟ ଓ ନୁଣିଆଯୋଡ଼ିରେ ବିସର୍ଜନ କରାଯାଇଥିଲା । ଦଶମୀ ଦିନ ସନ୍ଧ୍ୟା ସୁଦ୍ଧା ୮ଟି ଘରୋଇ ମେଢ ସହ ୨ଟି ସାର୍ବଜନୀନ ମେଢ ଭସାଣ ଶେଷ ହୋଇଥିବା ବେଳେ ବାକି ସମସ୍ତ ମଣ୍ଡପର ଦେବୀଙ୍କ ମୃଣ୍ମୟ ମୂର୍ତ୍ତିକୁ ଏକାଦ୍ଶୀରେ ବିସର୍ଜନ କରାଯାଇଛି । ଗୁରୁବାର ସକାଳ ୯ଟାରୁ ଦେବୀଙ୍କ ମେଢ଼ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇ ରାତ୍ରିର ଶେଷ ପ୍ରହର ପର୍ଯ୍ୟନ୍ତ ଚାଲିଥିଲା । ଏନେଇ ପ୍ରଶାସନ ପକ୍ଷରୁ ଫକୀର ମୋହନ ଗୋଲେଇ ଓ ସିନେମାଛକରେ ଦୁଇଗୋଟି ଅସ୍ଥାୟୀ କ୍ୟାମ୍ପ ସ୍ଥାପନ ସହ ଭସାଣି ଶୋଭାଯାତ୍ରାକୁ ପରିଚାଳନା କରାଯାଇଥିଲା । ଡାକ୍ତରଖାନା ରୋଡ଼, କଲେଜ ରୋଡ୍ ଓ ଟାଉନହଲ ରୋଡ୍ ଦେଇ ଆସୁଥିବା ମେଢ଼-ଶୋଭାଯାତ୍ରକୁ କ୍ରମାନ୍ୱୟରେ ବାଲିଘାଟ ଅଭିମୁଖେ ଯିବାକୁ ଦିଆଯାଇଥିଲା । ଏକାଦଶୀ ଭସାଣ ଯାତ୍ରାରେ ନୁଣିଆଯୋଡ଼ିରେ ୩୯ଟି ମେଢ଼ ଓ ବାଲିଘାଟ ଠାରେ ମୋଟ ୪୬ଟି ମେଢ ବିସର୍ଜିତ ହୋଇଥିଲା । ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ, ଏସପି ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଓ ଭବେଶ କୁମାର ନାୟକ, ବାଲେଶ୍ୱର ଉପ-ଜିଲାପାଳ କିଶୋର ସ୍ୱାଇଁଙ୍କ ସମେତ ବିଭାଗର ଅଧିକାରୀ ଓ ନିର୍ବାଚିତ ଲୋକ ପ୍ରତିନିଧିମାନେ ସିନେମାଛକରେ ଉପସ୍ଥିତ ରହି ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏଡିସନାଲ ଏସପି, ଡିଏସପିଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀମାନେ ଉପସ୍ଥିତ ରହି ଭସାଣି ଶୋଭାଯାତ୍ରାକୁ ପରିଚାଳନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ କ୍ୟାମ୍ପରେ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ଘୋଷକ ଭାବେ ଦାୟିତ୍ୱ ତୁଲାଇଥିଲେ । ସମସ୍ତ ମେଢ଼ ଓ ଶୋଭାଯାତ୍ରା ଯିବା ପରେ ଶେଷରେ ସିନେମାଛକ ସ୍ଥିତ ମେଢ଼ ବିସର୍ଜନ ପାଇଁ ନିଆଯାଇଥିଲା । ଗୋଟିଏ ସ୍ଥାନରେ ଏକାଧିକ ମେଢ଼ ଦେଖିବା ପାଇଁ ବାଲେଶ୍ୱର ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ଲୋକେ ସିନେମାଛକରେ ଭିଡ଼ ଲଗାଇଥିଲେ । ଅନୁରୂପ ଭାବେ ପ୍ରତିବର୍ଷ ଭଳି ଚଳିତ ଦଶହରାରେ ସିନେମାଛକରେ ୨୫ରୁ ଉର୍ଦ୍ଧ୍ୱ ଦଳଙ୍କ ଆଖଡ଼ା ଖେଳ ପ୍ରଦର୍ଶନ ମଧ୍ୟ ବେଶ୍ ଉପଭୋଗ୍ୟ ଥିଲା । ବିଳମ୍ୱିତ ରାତି ପର୍ଯ୍ୟନ୍ତ ଏହି ଖେଳ ଚାଲିଥିଲା । ପାର୍ବଣର ବିଶେଷତା ଭାବେ ଦୀର୍ଘଦିନ ଧରି ଚାଲିଆସିଥିବା ବାଲେଶ୍ୱରରେ ପାଇକ ଆଖଡ଼ା ପ୍ରଦର୍ଶନ ପରମ୍ପରାକୁ ଉପଭୋଗ କରିବା ପାଇଁ ପ୍ରତିବର୍ଷ ଉତ୍ସୁକତାର ସହ ଅପେକ୍ଷା କରିଥିଲେ । ଏହି ଖେଳକୁ ଦେଖିବା ପାଇଁ ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ଲୋକେ ସିନେମାଛକରେ ରୁଣ୍ଡ ହୋଇଥିଲେ ।

## ଏକାଦଶାହ ଭୋଜି ହେଲା କାଳ : ଜଣେ ମୃତ, ୫ଅସୁସ୍ଥ

ଖଇରା, ୦୬/୧୦(ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରଡାଙ୍ଗ ନାକପଦା ଗ୍ରାମରେ ଏକାଦଶାହ ଭୋଜି ଖାଇ ଝାଡାବାନ୍ତିରେ ୬ଜଣ ଆକ୍ରାନ୍ତ ହୋଇ ପଡିଥିବା ବେଳେ ଏଥି ମଧ୍ୟରୁ ଜଣକର ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ଲକ୍ଷ୍ମୀ ରାଉଳ(୬୫) । ଘର ମହତୀପୁର ପଞ୍ଚାୟତ ଅଧୀନ ଗନ୍ଧାଳୀ ଗ୍ରାମରେ । ଆକ୍ରାନ୍ତ ମାନେ ହେଲେ ମଦନ ମୋହନ ବେହେରା(୫୦), ଶଙ୍କର୍ଷଣ ବେହେରା(୪୦), ଅଭିରାମ ବେହେରା(୧୩), ବିମଳା ବାରିକ(୫୩), ଦେବେନ୍ଦ୍ର ବେହେରାଙ୍କ ୬ବର୍ଷର ନାତି । ସମସ୍ତ ଅସୁସ୍ଥଙ୍କୁ ଚିକିତ୍ସା ପାଇଁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତୀ କରାଯାଇଛି । ମଙ୍ଗଳବାର ଦିନ ନାକପଦା ଗ୍ରାମ ସଂଲଗ୍ନ ଆମ୍ୱଗଡିଆରେ ଏକାଦଶାହ ଭୋଜି ଖାଇବା ପରେ ମଦନମୋହନ ବେହେରା ଓ ସଙ୍କର୍ଷଣ ବେହେରାଙ୍କ ପରିବାର ଲୋକେ ଝାଡାବାନ୍ତିର ଶିକାର ହୋଇଥିଲେ । ସମସ୍ତଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରାଯାଇଥିଲା । ନାକପଦା ସମ୍ପର୍କୀୟ ଙ୍କ ଘରକୁ ବୁଲିବାକୁ ଆସିଥିବା ବେଳେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା । ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପକ୍ଷରୁ ଏକ ମେଡିକାଲ ଟିମ ଗୁରୁବାର ଗ୍ରାମରେ ପହଞ୍ଚି ପ୍ରତିଷେଧକ ବ୍ୟବସ୍ଥା କରିବା ସହ ମେଡିସିନ ବଣ୍ଟନ କରିଛନ୍ତି । ଲକ୍ଷ୍ମୀଙ୍କ ପରିବାର ଗରୀବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସହୟତା ଯୋଗାଇ ଦେବାକୁ ଗନ୍ଧାଳୀ ଗ୍ରାମବାସୀ ଦାବୀ କରିଛନ୍ତି ।



## ବରିଷ୍ଠ ନାଗରିକ ପରିଷଦର ଚତୁର୍ଦ୍ଦଶ ପ୍ରତିଷ୍ଠା ଦିବସ

ଜଳେଶ୍ୱର, ୦୬/୧୦(ନି.ପ୍ର): ଜଳେଶ୍ୱର ବ୍ଲକର ୧୩ଟି ପଂଚାୟତକୁ ନେଇ ଗଠନ କରାଯାଇଥିବା ବରିଷ୍ଠ ନାଗରିକ ମଂଚର ୧୪ତମ ପ୍ରତିଷ୍ଠା ଦିନ ବୁଧବାର ଦିନ ଶାଳିକୋଠାରେ ଅନୁଷ୍ଠିତ ହୋଇ ଯାଇଛି । ପରିଷଦର ସଂପାଦକ ପ୍ରଫେସର ସୁଧାଂଶୁ ଶେଖର ପ୍ରଧାନ ଅଧ୍ୟକ୍ଷତା କରି ବିଗତ ବର୍ଷର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ଶଂକର୍ଷଣ ଭଂଜ ସାଇଭଜନ ପରିବେଷଣ କରିଥିବା ବେଳେ ଗଣେଶ ଚନ୍ଦ୍ର ପରିଡା 'ଆମ ପରିଷଦର ତେର ବର୍ଷ ପୂର୍ତ୍ତି ଓ ତାର ଭବିଷ୍ୟତ' ଶୀର୍ଷକ ପ୍ରବନ୍ଧ ପାଠ କରିଥିଲେ । ଉପଦେଷ୍ଟା କାହ୍ନୁ ଚରଣ ମହାନ୍ତି ଯୋଗ ଦେଇ ସଂଗଠନକୁ ଅଧିକ ମଜବୁତ୍ କରିବା ସହିତ ଅଧିକ ପ୍ରସାର କାରିବା ସଂପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶଶିକାନ୍ତ ପ୍ରଧାନ, କେଦାର ଚରଣ ଗିରି, ଦେବେନ୍ଦ୍ର ନାଥ ଭୂୟାଁ, ଗଣେଶଚନ୍ଦ୍ର ଗିରି ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଚିକିତ୍ସାରେ ବିଳମ୍ୱ ପାଇଁ ସେପ୍‌ଟି ସେମିଆରେ ହାତୀଟିର ମୃତ୍ୟୁ ହୋଇଥିବା ସଂଦେହ



ବାରିପଦା, ୦୬/୧୦(ନି.ପ୍ର): ମୟୂରଭଂଜ ଜିଲ୍ଲା ବେତନଟୀ ରେଂଜ ଅଧୀନ ମସିଣାକାଟି ସଂରକ୍ଷିତ ଜଙ୍ଗଲରେ ଅଟକି ରହିଥିବା ଅସୁସ୍ଥ ଦନ୍ତାହାତୀର ରବିବାର ଅସ୍ତ୍ରୋପଚାର ସହିତ ଆବଶ୍ୟକ ଚିକିତ୍ସା କରାଯାଇଥିଲେ ସୁଦ୍ଧା ହାତିଟିର ମୃତ୍ୟୁ ଘଟିଛି । ସୋମବାର ସକାଳେ ଦନ୍ତାର ମୃତଦେହ ଉଦ୍ଧାର କରିଛି ବନବିଭାଗ । ସୂଚନା ମୁତାବକ ଗୋଠଛଡା ବିଶାଳ ଦନ୍ତାହାତୀଟି ବେତନଟୀ ରେଂଜ ଅଧୀନ ଡୁମାପଦା, ଖଡିଶୋଳ, କାଂଚନନଗର, ମସିଣାକାଟି, ତୁଙ୍ଗାଧୁଆ ଅଂଚଳରେ ରହିଥିଲା । ତେବେ ବିଭିନ୍ନ ଜଙ୍ଗଲ ଏବଂ ଗାଁ ଗଣ୍ଡା ବିଚରଣ କରୁଥିବା ସମୟରେ ଏକ ମୋଟା ପ୍ଲାଷ୍ଟିକ ଦଉଡ଼ି ବାମପଟ ଆଗ ଗୋଡ଼ରେ ଛନ୍ଦିହୋଇ ଯାଇଥିଲା । କ୍ରମଶଃ ଏହା ଗୋଡ଼ରେ ଚାପିହୋଇ ଯାଇଥିବା ବେଳେ ଗଭୀର କ୍ଷତ ସୃଷ୍ଟି କରିଥିଲା । ଧୀରେ ଧୀରେ କ୍ଷତ ବଢିବା ସହିତ ଯନ୍ତ୍ରଣା ପାଇଁ ହାତୀ ସ୍ୱଭାବିକ ଭାବେ ଚଳପ୍ରଚଳ କରିପାରୁନଥିଲା । କ୍ଷତରୁ ରକ୍ତସ୍ରାବ ହେବାସହିତ ସଂକ୍ରମଣ ହୋଇ ପଚା ଦୁର୍ଗନ୍ଧ ମଧ ବାହାରୁଥିଲା । ହାତୀର ଗତିବିଧି ଉପରେ ନଜର ରଖୁଥିବା ବେତନଟୀ ବନବିଭାଗର ଟିମ ଏନେଇ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ୱାଇଲଡ ଲାଇଫ ଟ୍ରଷ୍ଟ ଅଫ ଇଣ୍ଡିଆରୁ ଡ଼. ବ୍ରଜରାଜ ଏବଂ ରୁଦ୍ରନାରାୟଣ ମହାପାତ୍ରଙ୍କ ସମେତ ଓୟୁଏଟିରୁ ପ୍ରଫେସର ଇନ୍ଦ୍ରମଣି ନାଥ, ଶିମିଳିପାଳ ଟାଇଗର ରିଜର୍ଭର ଡ଼. ପିୟୁଷ ସୋରେନ ପ୍ରମୁଖ ଡାକ୍ତରୀ ଟିମ ରବିବାର ସକାଳେ ହାତୀର ଚିକିତ୍ସା କରାଇଥିଲେ ସୁଦ୍ଧା ଚିକିତ୍ସାକୁ ୨୪ ଘଣ୍ଟା ନପୂରୁଣୁ ଦନ୍ତା ହାତୀଟିର ମୃତ୍ୟୁ ଘଟିଛି । ତେବେ ହାତୀଟିର ବୟସ ୩୫ ରୁ ୪୦ବର୍ଷ ବୋଲି ଅନୁମାନ କରାଯାଉଥିବା ବେଳେ ଉଚିତ ସମୟରେ ଚିକିତ୍ସା କରାଯାଇନଥିବାରୁ କ୍ଷତରୁ ପୁରା ଶରୀର ସଂକ୍ରମିତ ହୋଇ ସେପଟି ସେମିଆ ପାଇଁ ହାତୀଟିର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି ।

## ଧାମନଗର ପାଇଁ ଦିନେ ଦୁଇ ଦିନରେ ପ୍ରାର୍ଥୀ ଘୋଷଣା କରିବ ବିଜେପି

ଭୁବନେଶ୍ୱର, ୦୬/୧୦(ନି.ପ୍ର): ଧାମନଗର ପାଇଁ ଦିନେ ଦୁଇ ଦିନ ଭିତରେ ପ୍ରାର୍ଥୀ ଘୋଷଣା କରିବ ବିଜେପି । ଧାମନଗରରେ ବିଜେପି ସ୍ଥିତି ବହୁତ ଭଲ, ବିଜୟୀ ହେବୁ । ପୂର୍ବ ଭୋଟ୍ ବ୍ୟବଧାନରୁ ଅଧିକ ଭୋଟ୍ ରେ ଜିତିବୁ ବୋଲି କହିଛନ୍ତି ବିଜେପି ସାଧାରଣ ସଂପାଦକ ଗୋଲକ ମହାପାତ୍ର । ସେ ଆହୁରି କହିଛନ୍ତି ଯେ ଦଳ ପାଖରେ ପ୍ରାର୍ଥୀ ଓ ସାଙ୍ଗଠନିକ ସ୍ଥିତି ନେଇ ସମସ୍ୟା ନାହିଁ । ବିଷ୍ଣୁ ସେଠୀଙ୍କ ବିଭିନ୍ନ କାର୍ଯ୍ୟରେ ପୁଅ ସୂରଜ ଜଡ଼ିତ ଥିଲେ । ସୂରଜ ଲୋକଙ୍କ ସହ ଅଛନ୍ତି, ବିପୁଳ ଜନ ସମର୍ଥନ ମିଳିବ ବୋଲି ସେ କହିଛନ୍ତି ।

## ଅରୁଣ ଦେ ସ୍ମୃତି ପରିଷଦ ପକ୍ଷରୁ ବିଜୟା ଦଶମୀ ବନ୍ଧୁ ମିଳନ

ବାଲେଶ୍ୱର, ୦୬/୧୦(ନି.ପ୍ର): ବିଶିଷ୍ଟ ରାଜନେତା ତଥା ବାଲେଶ୍ୱରର ପୂର୍ବତନ ବିଧାୟକ ସ୍ୱର୍ଗତ ଅରୁଣ ଦେଙ୍କ ସ୍ମୃତିରେ ଗଠିତ 'ଅରୁଣ ଦେ ସ୍ମୃତି ପରିଷଦ' ପକ୍ଷରୁ ବିଜୟା ଦଶମୀରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଦର ବିଧାୟକ ସ୍ୱରୂପ କୁମାର ଦାସ ଏଥିରେ ଯୋଗଦେଇ ସ୍ୱର୍ଗତ ଅରୁଣ ଦେଙ୍କ ଫୋଟଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଦାଦାଙ୍କ ଜୀବନଧାରାରେ ପ୍ରତ୍ୟେକ ବର୍ଷ ଆପାତତଃ ଦୁଇଥର ଶୁଭେଚ୍ଛୁ ଓ ସମର୍ଥକମାନେ ବିଜୟା ଦଶମୀ ଏବଂ ନୂଆବର୍ଷରେ ତାଙ୍କ ଘରେ ଭିଡ଼ ଲଗାଉଥିଲେ । ତାଙ୍କର ଅବର୍ତ୍ତମାନରେ ଆୟୋଜିତ ଏହି ବନ୍ଧୁମିଳନ ଦାଦାଙ୍କ ପ୍ରତି ଉଚିତ ଶ୍ରଦ୍ଧାଞ୍ଜଳି ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ । ଏହି ଧାରା ନିୟମିତ ବଜାୟ ରଖିବାକୁ ସ୍ମୃତି ପରିଷଦର କର୍ମକର୍ତ୍ତାଙ୍କୁ ସେ ପରାମର୍ଶ ଦେଇଥିଲେ । ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦର ବ୍ଲକ ଅଧକ୍ଷା ସୁନୀତା ବେହେରା, ବାଲେଶ୍ୱର ପୌର ଉପାଧକ୍ଷ କୈଳାସ ସେଠୀ, ପୂର୍ବତନ ପୌର ଉପାଧକ୍ଷ ମନୋଜ ରାଉତ, ପୂର୍ବତନ କାଉନସିଲର ଉମାକାନ୍ତ ଶତପଥୀ, ସମାଜସେବୀ ବିଷ୍ଣୁ ପ୍ରସାଦ ମହାନ୍ତି, ରଞ୍ଜନ ପ୍ରଧାନ, ବିନେଦା ଜୀ, ଅଭିଜିତ ଦାସ ପ୍ରମୁଖ ଯୋଗଦେଇ ଦାଦାଙ୍କୁ ମନେ ପକାଇଥିଲେ । ଦାଦାଙ୍କୁ ଭଲ ପାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଦଶହରା ଓ ନୂଆବର୍ଷ ବନ୍ଧୁମିଳନ ପାଳନ ଦାଦାଙ୍କ ସ୍ମୃତିରକ୍ଷା ସହ ଶ୍ରଦ୍ଧାଞ୍ଜଳି ହେବ ବୋଲି ପରିଷଦର କର୍ମକର୍ତ୍ତାମାନେ କହିଥିଲେ ।

## ନେତା ଓ ଜନତାଙ୍କ ମଧ୍ୟରେ ସେତୁ ଭଳି କାର୍ଯ୍ୟକରନ୍ତି ସାମ୍ବାଦିକ



ଖଇରା, ୦୬/୧୦(ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ସିମୁଳିଆ ନିର୍ବାଚନ ମଣ୍ଡଳିର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଖଇରା ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କର ଏକ ଶାରଦୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଗୁରୁବାର ଦିନ କୁପାରୀ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିଧାୟକ ଖବରଦାତାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଗଣମାଧ୍ୟମ ନେତା ଓ ଜନତାଙ୍କ ମଧ୍ୟରେ ସେତୁବନ୍ଧ ଭଳି କାର୍ଯ୍ୟ କରୁଥିବାରୁ ନିରପେକ୍ଷତା ଅବଲମ୍ୱନ କରିବା ଉଚିତ । ସେ ରାଜନୀତି କରୁଛନ୍ତି ସତ ହେଲେ ଉନ୍ନତି ମୂଳକ କାର୍ଯ୍ୟରେ ସେ ରାଜନିତିରୁ ଉର୍ଦ୍ଧରେ ରହି ଯିଏ ଯେତେବେଳେ ଚାହିଁଲା ଆବଶ୍ୟକତା ଅନୁଯାୟୀ ସେ ସମସ୍ତଙ୍କୁ ସହଯୋଗ କରି ଆସୁଛନ୍ତି । ଆଗାମୀ ଦିନରେ ମଧ୍ୟ ଏହା ଜାରି ରହିବ ବୋଲି କହିଥିଲେ । ବରିଷ୍ଠ ସାମ୍ବାଦିକ ଅନାମ ଚରଣ ପଣ୍ଡା ଧନ୍ୟବାଦ ପ୍ରଦାନ ଅବସରରେ ବର୍ତ୍ତମାନ ବିଧାୟକ ଦଳରୁ ଉର୍ଦ୍ଧରେ ରହି ବ୍ୟକ୍ତିଗତ ଭାବେ ସମସ୍ତଙ୍କୁ ଯଥାସମ୍ଭବ ସହଯୋଗ କରୁଥିବାରୁ ଜନସାଧରଣଙ୍କର ଅନୁକରଣିୟ ହୋଇପାରିଛନ୍ତି ବୋଲି କହିଥିଲେ । ଖଇରା ବ୍ଲକରେ ବିଭିନ୍ନ ଛାପା ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟରତ ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

## ଭକ୍ତିଜ୍ଞାନ ସଂଚାର ସେବା ସମିତି ଦ୍ୱାରା ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ସମାରୋହ




ଉଦଳା, ୦୬/୧୦(ନି.ପ୍ର): ଭକ୍ତିଜ୍ଞାନ ସଂଚାର ସେବା ସମିତି, ଆନୁକୂଲ୍ୟରେ ଉଦଳା ବରିଷ୍ଠ ନାଗରିକ ସେବା ଗୃହରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଶାନ୍ତି ଦୂତ ତଥା ଦେଶର ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ପବିତ୍ର ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିପାଇଁ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧକ୍ଷ ତଥା ବିଶିଷ୍ଟ କବି ଡ଼.ଦିଲ୍ଲୀପ କୁମାର ଦୀକ୍ଷିତ ଅଧକ୍ଷତାରେ କରିଥିବାବେଳେ, ଇଂ ସୁବାଷ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଅଧକ୍ଷା କବୟିତ୍ରୀ ପ୍ରମିଳା ପଣ୍ଡା ମୁଖ୍ୟବକ୍ତା ଓ ବରିଷ୍ଠ ଶିକ୍ଷାବିତ୍ ରବିକାନ୍ତ ମହାପାତ୍ର ସଂଯୋଜକ ଭାବରେ ମଂଚାସୀନ ଥାଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନାଦର୍ଶ ସମ୍ପର୍କରେ ମହତ୍ତ୍ୱପୂର୍ଣ୍ଣ ବକ୍ତବ୍ୟ ମାନ ରଖିଥିଲେ । ସଭାର ପ୍ରାରମ୍ଭରେ ଭକ୍ତିଜ୍ଞାନ ସଂଚାର ସେବା ସମିତିର ଅଧକ୍ଷ ପଣ୍ଡିତ ଲକ୍ଷ୍ମୀଧର ପୁଥାଳ ସଭାର ଉଦ୍ଦେଶ୍ୟ ଜ୍ଞାପନ ସହ ଗୀତାର ରହସ୍ୟ ସଂପର୍କରେ ସମ୍ୟକ ବକ୍ତବ୍ୟ ରଖିଥିବାବେଳେ ବିଶିଷ୍ଟ ଚିତ୍ରଶିଳ୍ପି ରାଜାରାମ ବେହେରା ମଂଚ ସଜ୍ଜା ଓ ଉଦ୍‌ଘାଟନୀ ଉତ୍ସବର ସମସ୍ତ ଦାୟିତ୍ୱ ନିର୍ବାହ କରିଥିଲେ । ସଭାର ପ୍ରାରମ୍ଭରେ ସଙ୍ଗୀତକାର ମନୋହର ପୁଥାଳ ରାମଧୂନ ସହ ଗାନ୍ଧୀଙ୍କ ପ୍ରିୟ ଭଜନ "ରଘୁପତି ରାଘବ"କୁ ସୁଲଳିତ କଣ୍ଠରେ ଗାନ କରିଥିବାବେଳେ କୁଣ୍ଡାବାଇ ଡ଼ିଗ୍ରୀ ମହାବିଦ୍ୟାଳୟର ସଂସ୍କୃତ ଅଧାପିକା ଦିବ୍ୟା ଭାରତୀ ତ୍ରିପାଠୀ ଗୀତାର ସାଂଖ୍ୟ ଯୋଗରୁ ଶ୍ଳୋକ ମାନ ଆବୃତ୍ତି କରିଥିଲେ ଓ ଶିକ୍ଷକ ଲଳିତ କୁମାର ବେହେରା ଗାନ୍ଧୀ ବାଣୀକୁ ସଭାରେ ପଠନ କରିଥିଲେ । ଅଧିବେଶନର ମଧ୍ୟାନ୍ତରରେ ନିଜର ବହୁମୁଖୀ ପ୍ରତିଭା ଓ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାରେ ବିଶିଷ୍ଟ ଭୂମିକା ପାଇଁ ନିକଟରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ପୁରସ୍କୃତ ଓ ସମ୍ମାନିତ ହୋଇଥିବା କୁଣ୍ଡାବାଇ ଡ଼ିଗ୍ରୀ ମହାବିଦ୍ୟାଳୟର ଶିକ୍ଷା ବିଭାଗର ବରିଷ୍ଠ ଅଧାପକ ତଥା ମହାବାହୁ ପତ୍ରିକାର ସହ-ସମ୍ପାଦକ ଦିଲୀପ କୁମାର ପ୍ରମାଣିକଙ୍କୁ ଭକ୍ତିଜ୍ଞାନ ସଂଚାର ସେବା ସମିତି ତରଫରୁ ପ୍ରତିଭା ସମ୍ମାନ ସହ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାର ଆଲୋଚ୍ୟ ବିଷୟ "ଗାନ୍ଧିଜୀ ଓ ଗୀତା"। ଶୀର୍ଷକ ଉପରେ ଆଗନ୍ତୁକ ଅତିଥି ମାନଙ୍କ ମଧ୍ୟରୁ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ପ୍ରଫୁଲ୍ଲ କୁମାର ଖିଲାର, ଡ଼. ସଚ୍ଚିଦାନନ୍ଦ ପରିଡ଼ା, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ଚିନ୍ମୟ ମିଶନ ଉଦଳା ଶାଖାର ସଭାପତି ପ୍ରମିଳା ଜେନା, ବିଶିଷ୍ଟ କବି ଶ୍ରୀକାନ୍ତ ପ୍ରସାଦ ବେହେରା, ଶିକ୍ଷକ ରଜତ୍ କୁମାର ପଣ୍ଡା, ଶିକ୍ଷାବିତ୍ ଡ଼. ଶ୍ୟାମସୁନ୍ଦର ପଣ୍ଡା, ସାମ୍ବାଦିକ ସୁବ୍ରତ ମହାନ୍ତି, କବୟିତ୍ରୀ ରୁକ୍ମଣୀ ସାହୁ, ଅନୀତା ବିଶ୍ୱାଳ, ବରିଷ୍ଠ ଆଇନଜୀବୀ ସତ୍ୟବ୍ରତ ମିଶ୍ର, ତ୍ରିଲୋଚନ ରଥ, ଶିକ୍ଷାବିତ୍ ରାମଚନ୍ଦ୍ର ସାହୁ ଓ ବରିଷ୍ଠ କବି ସର୍ବେଶ୍ୱର ମହାପାତ୍ର ପ୍ରମୁଖ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ । ଶେଷରେ ମହାବାହୁର ଅନ୍ୟତମ ସହ ସମ୍ପାଦକ ତଥା ଶିକ୍ଷକ ଲଳିତ କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆରଏସ୍‌ଏସ୍ ପକ୍ଷରୁ ବିଜୟା ଦଶମୀ

ବାଲେଶ୍ୱର, ୦୬/୧୦(ନି.ପ୍ର): ପ୍ରତିବର୍ଷ ଭଳି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ 'ଆରଏସଏସ'ର ପ୍ରତିଷ୍ଠା ଦିବସ ଏବଂ ବିଜୟା ଦଶମୀ ପାଳିତ ହୋଇଯାଇଛି । ଏହି ଅବସରରେ ସହର ବ୍ରିଟ କଲ୍ୟାଣ ମଣ୍ଡପରେ ଏକ ବିଶେଷ କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା । ଧ୍ୱଜା ଉତ୍ତୋଳନ ପରେ ପଥ ସଂଚଳନ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ । ବ୍ରିଟ କଲ୍ୟାଣ ମଣ୍ଡପରୁ ଏହି ସଂଚଳନ ଶୋଭାଯାତ୍ରା ବାହାରି ଏଡିଏମ ଛକ, ପଞ୍ଚୁଆପଦା, ଆଜିମାବାଦ, କଲେଜ ରୋଡ, ଗଡ଼ଗଡିଆ ଛକ ଦେଇ ମୋତିଗଞ୍ଜ, ସିନେମା ଛକ ଓ ଜିଲା ସ୍କୁଲ ରାସ୍ତାରେ ପରିକ୍ରମା କରିବା ସହ ପୁଣି କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲା । ଏଠାରେ ସୂର୍ଯ୍ୟ ନମସ୍କାର, ଯୋଗାସନ, ଦଣ୍ଡ ଓ ବ୍ୟାୟାମ ପ୍ରଭୃତି ବିଭିନ୍ନ ଶାରୀରିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ପୂର୍ବରୁ ସେଠାରେ ଆୟୋଜିତ ବୌଦ୍ଧିକ ସଭାରେ କବି ପ୍ରଶାନ୍ତ ଦାସ ଅତିଥିଭାବେ ଯୋଗ ଦେଇ ସ୍ୱୟଂସେବକମାନଙ୍କୁ ବିଜୟା ଦଶମୀର ଶୁଭେଚ୍ଛା ଜଣାଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo